






# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ




ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଭିଏତ୍‌ନାମା ଭଳି ଦେଶରେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଇସ୍‌ଲାମିକ ସର୍କଲ ଓ ଜମାତେ ଇସ୍‌ଲାମୀର ଷଡ଼ଯନ୍ତ୍ର

ବିଦେଶରେ ଭାରତ ବିରୋଧୀ ପ୍ରଚ୍ଚର କାର୍ଯ୍ୟରେ ସକ୍ରୀୟ ଥିବା ଗୋଷ୍ଠୀଗୁଡିକ ମଧ୍ୟରେ ଆମେରିକାର ଇସ୍‌ଲାମିକ ସର୍କଲ ଅଫ୍ ନର୍ଥ ଆମେରିକା ଏବଂ ଜମାତେ ଇସ୍‌ଲାମୀର ଲୋକେ ଆଗରେ ରହିଛନ୍ତି । ଆମେରିକାରେ ପାକିସ୍ଥାନର ଜମାତେ ଇସ୍‌ଲାମୀର ଏଜେଣ୍ଡାକୁ ନେଇ କାର୍ଯ୍ୟ କରୁଥିବା ସଂଗଠନ ହେଉଛି ଇସଲାମିକ ସର୍କଲ ବା ଇସ୍‌ନା । ଏହି ସଂଗଠନ ୧୯୬୮ରେ ପ୍ରଥମେ ହଲ୍‌କା-ଇ-ଇସଲାମୀ (ହାଇ) ନାମରେ ଆମେରିକାରେ ଆରମ୍ଭ ହୋଇଥିଲା । ଜମାତେ ଇସଲାମୀର ପ୍ରତିଷ୍ଠାତା ମୌଲାନା ଅବଦୁଲ ଅଲା ମୌଦୁଦୀ ହାଇର ପ୍ରଥମ ସଭାରେ ଭାଷଣ ଦେଇଥିଲେ । ସେବେଠାରୁ ଏହି ସଂଗଠନର ନେତୃତ୍ୱ ଜମାତେର ଅନେକ ଲୋକ ନେଇ ଆସିଛନ୍ତି । ସେମିତି ଇସ୍‌ନାର ଲୋକେ ଜମାତେ ଇସଲାମୀ ସହ ଯୋଡି ହୋଇ ସଂଗଠନ ପାଇଁ କାର୍ଯ୍ୟକରି ଆସିଛନ୍ତି । ହାଇର ନାମ ୧୯୭୧ରେ ଇସନା ହୋଇଥିଲା । ୧୯୭୭ରେ ଏହାର ପ୍ରଶାସନିକ ବ୍ୟବସ୍ଥା ପରିବର୍ତ୍ତିତ ହୋଇଥିଲା । ସେହିବର୍ଷ ଇସ୍‌ନାର ନୂତନ ସମ୍ବିଧାନ ପ୍ରକାଶ ପାଇବା ସହ ‘ଇଂରାଜୀ’ ଯୋଗାଯୋଗ ଭାଷା ହେବ ବୋଲି ସ୍ଥିର କରାଗଲା । ଦାଓ୍ୱା କାର୍ଯ୍ୟକ୍ରମ ଇସ୍‌ନା ପକ୍ଷରୁ ଆରମ୍ଭ କରାଯାଇଥିଲା । ଯୁବକ ଏବଂ ମହିଳାମାନଙ୍କୁ ସଂଗଠନରେ ସାମିଲ କରିବାଲାଗି “ଦି ମାଗାଜିନ୍” ଶୀର୍ଷକ ପତ୍ରିକା ପ୍ରକାଶ ପାଇଥିଲା । ୧୯୭୮ରେ “ଇସ୍‌ନା ସିଷ୍ଟର୍ସ” ସ୍ୱତନ୍ତ୍ର ରୂପେ ଗଠିତ ହୋଇଥିଲା ।

ସଂଗଠନର ଆରମ୍ଭରୁ ଆଜିଯାଏ ସଂଖ୍ୟାଧିକ ପାକିସ୍ଥାନୀ ଲୋକ ଏହାର ସଦସ୍ୟତା ନେଇ ଆସିଛନ୍ତି । ଆରମ୍ଭ ବର୍ଷଗୁଡିକରେ ଇସ୍‌ନା ନିଜକୁ ଇସ୍‌ଲାମିକ ଜମାହ (ସଂଗଠିତ ଗୋଷ୍ଠୀ) ବୋଲି କହୁଥିଲା । ସଂଗଠନର ଉଦ୍ଦେଶ୍ୟ “ଆଲ୍ଲାଙ୍କ ଆନନ୍ଦ ପାଇଁ ଉତ୍ତର ଆମେରିକାରେ ଇସ୍‌ଲାମିକ ବ୍ୟବସ୍ଥାର ପ୍ରଚଳନ” କରିବା ବୋଲି କହିଆସିଛି । ମୁସଲିମ ବ୍ରଦରହୁଡର ପ୍ରଭାବ କିପରି ଜମାତ ଉପରେ ରହିଛି ଏହା ତାର ସ୍ପଷ୍ଟ ପ୍ରମାଣ । ଜମାତ ଲୋକେ ପାରମ୍ପାରିକ ଦୃଷ୍ଟିରୁ ଭାରତୀୟ ଉପମହାଦେଶର କେଶ, ବେଶ, ଭାଷା କାର୍ଯ୍ୟ ଆଦିକୁ କାଏମ ରଖିଛନ୍ତି । ମହମ୍ମଦଙ୍କ ସହ ନିକଟତର ହୋଇ ରହିବା ପାଇଁ ସେମାନେ ଏସବୁ ଛାଡିପାରିନାହାନ୍ତି । କିନ୍ତୁ ମୁସଲିମ ବ୍ରଦରହୁଡ ପାଶ୍ଚାତ୍ୟ ଦୃଷ୍ଟିକୋଣ ନେଇ ଇସ୍‌ଲାମକୁ ସେଠାରେ ଲୋକପ୍ରିୟ କରିବାକୁ କାର୍ଯ୍ୟ କରୁଛି । ଆମେରିକାର ସମାଜ ଭିତରେ ରହି କାର୍ଯ୍ୟ କରିବାର କୌଶଳ ନେଇ ରହିଛି । ତେବେ ଏହାକୁ ଆରମ୍ଭ କରିଥିବା ଲୋକମାନେ କେହି ଅଧିକ ଶିକ୍ଷିତ କିମ୍ବା ଇସଲାମିକ ଗୁରୁ ନଥିଲେ । ସେମାନଙ୍କର ଇସଲାମ ଧର୍ମ ବାବଦରେ ଅଧିକ ଅଧ୍ୟୟନ ନଥିଲା । ତଥାପି ସେମାନେ ପାରମ୍ପରିକ ବିଚ୍ଚରଧାରାକୁ ବଦଳାଇ ଇସଲାମର ଦୃଷ୍ଟିକୋଣକୁ ଅଧିକ ପ୍ରସାରିତ କରିବାକୁ ଉଦ୍ୟମ କଲେ । ସେମାନଙ୍କର ପ୍ରୟାସରେ ପାଶ୍ଚାତ୍ୟ ଜଗତରେ ସଫଳତା ମିଳିଲା । ଯାହା ଫଳରେ ସେମାନେ ଆମେରିକାର ସମାଜ ଭିତରେ ମିଶି ସମାଜ ବ୍ୟବସ୍ଥା ଏବଂ ବିଚ୍ଚରର ଇସଲାମୀକରଣ କରିବାକୁ ସକ୍ଷମ ହେଲେ, ଯାହା ଜମାତେ ଇସଲାମୀ ଲୋକେ ସେତେ ଅଧିକ ସଫଳ ହୋଇପାରିଲେ ନାହିଁ । ମୁସଲିମ ବ୍ରଦରହୁଡଠାରୁ ଏହି କୌଶଳ ଶିକ୍ଷାକରି ଜମାତ ଲୋକେ ୧୯୭୦ ପରବର୍ତ୍ତୀ କାଳରେ ଭିନ୍ନ ଭିନ୍ନ ଶାଖା ସଂଗଠନ ଗଢିବାକୁ ଉଦ୍ୟମ ଚଳାଇଲେ । ବର୍ତ୍ତମାନର ଅଧକ୍ଷ ଥିବା ଡକ୍ଟର ମୋହସିନ ଅନ୍‌ସାରୀଙ୍କଠାରୁ ଆରମ୍ଭ କରି ୧୯୭୧ର ବଙ୍ଗଳାଦେଶ ଯୁଦ୍ଧର ଅପରାଧୀ ଥିବା ଅସ୍ରଫୁଜ ଜମାନ ଖାଁ ଓ ମୋତିଉର ରହ୍ମାନ ନିଜାମୀଙ୍କ ପରି ଲୋକେ ଏଥିରେ କ୍ରମଶଃ ସାମିଲ ହେଲେ । ୧୯୮୦ ଏବଂ ୧୯୯୦ ଦଶକରେ ନିଜସ୍ୱ ସଂଗଠନ ଗଠନ କରିବା ପୂର୍ବରୁ ଶେଖ ଉବୈଦ, ଅବଦୁଲ ମାଲିକ ମୁଜାହିଦ, ସିମିର ପ୍ରତିଷ୍ଠାତା ଅହମଦୁଲ୍ଲା ସିଦ୍ଧିକିଙ୍କ ପରି ଲୋକେ ପ୍ରଥମେ ଇସନା ସହ ସଂପୃକ୍ତ ରହିଥିଲେ । ଇସନା ଏହାର ଆନ୍ତର୍ଜାତିକ ସେବାଶାଖା ଏଚ୍‌ଏଚ୍‌ଆରଡି ମାଧ୍ୟମରେ ପାକ୍‌ର ଜମାତ ସହ ମିଶି କାର୍ଯ୍ୟ କରିଥାଏ । ୧୯୭୪ରେ ଜମାତ-ଇ-ଇସଲାମୀର ପ୍ରତିଷ୍ଠାତା ସୟିଦ ଅବୁଲ ଅଲା ମୌଦୁଦୀ ଇସ୍‌ନାର ପ୍ରଥମ ସାଧାରଣ ସଭାରେ ଯୋଗ ଦେଇଥିଲେ । ଇସ୍‌ନାର ସହଯୋଗୀ ସଂସ୍ଥା ହେଲ୍‌ପିଙ୍ଗ୍ ହ୍ୟାଣ୍ଡ ଫର୍ ରିଲିଫ୍ ଏଣ୍ଡ ଡେଭଲପମେଣ୍ଟର କରାଚିରେ ଗୋଟିଏ ଗବେଷଣା କେନ୍ଦ୍ର ରହିଛି । ଏଚ୍‌ଏଚ୍‌ଆର୍‌ଡି ପାକ୍‌ରେ ଏକ ସମ୍ମିଳନୀର ଆୟୋଜନ କରିଥିଲା ଯାହାର ଅଧକ୍ଷତା ଅଲ-ଖିଦମତ୍ କରିଥିଲା । ଏହି ଅଲ-ଖିଦମତ ହେଉଛି ଜମାତେ ଇସଲାମୀର ଏକ ଶାଖା । ବିଶ୍ୱ ସନ୍ତ୍ରାସବାଦୀ ଘୋଷିତ ହିଜବୁଲ ମୁଖ୍ୟ ସୟଦ ସଲାହୁଦ୍ଦୀନ ଅଲ ଖିଦମତ ଏବଂ ଘଜାଲି ଏଜୁକେଶନ ଟ୍ରଷ୍ଟ ସହ ମିଶି ସାଧାରଣରେ କାର୍ଯ୍ୟକ୍ରମମାନ କରିବା ଦେଖାଯାଇଥାଏ । ଅଲ୍-ଖିଦମତ ସହ ଏଚ୍‌ଏଚ୍‌ଆର୍‌ଡି ପ୍ରାୟ ୨୧୪ଟି ପ୍ରକଳ୍ପରେ ସାମିଲ ହୋଇଛି । ଏହାଛଡା ଜମାତେ ଇସଲାମୀର କରାଚି ଶାଖାର ଅମୀର ଥିବା ହାଫିଜ ନୟିମ ଉର୍ ରହମାନର ସଂପର୍କ ଏଚ୍‌ଏଚ୍‌ଆର୍‌ଡି ଏବଂ ହିଜବୁଲ ମୁଜାହିଦ୍ଦୀନ ସହ ରହିଛି । ରହମାନ ୨୦୧୬ରେ କାଶ୍ମିରୀ ସନ୍ତ୍ରାସବାଦୀ ବୁରହାନ୍ ୱାନୀର ଶୋକପାଳନ ପାଇଁ ହିଜବୁଲ ମୁଜାହିଦ୍ଦୀନର କମାଣ୍ଡର ସଲାହୁଦ୍ଦୀନ ସହ ସାମିଲ ଥିବା ଦେଖାଯାଇଥିଲା । ପରବର୍ତ୍ତୀ କାଳରେ ଏହି ସଂପର୍କର ସୂତ୍ରକୁ କାଗଜପତ୍ରରୁ ଲିଭାଇଦେବାକୁ ଚେଷ୍ଟା କଲେ ମଧ ପ୍ରମାଣ କେଉଁଠି ନା କେଉଁଠି ରହିଯାଇଛି । ଫାଇନାନ୍‌ସିଆଲ ଆକସନ୍ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍)ର ଚ୍ଚପରେ ଏସବୁ କରାଯାଇଥିଲେ ମଧ ଅଭିଲେଖାଗାରର କାଗଜପତ୍ରରେ ସେସବୁର ପ୍ରମାଣ ରହିଛି ।

ଇସ୍‌ନା (ଇସଲାମିକ କାଉନସିଲ ଅଫ୍ ନର୍ଥ ଆମେରିକା)ର ୨୪ତମ ବାର୍ଷିକ ଉତ୍ସବରେ ଯେଉଁମାନେ ଅତିଥି ଭାବେ ଯୋଗଦାନ କରିଥିଲେ ସେମାନେ ଯୁଦ୍ଧ ଅପରାଧୀ କିମ୍ବା ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ସାମିଲ ରହିଛନ୍ତି । (କ) ପାଲେଷ୍ଟାଇନର ସନ୍ତ୍ରାସୀ ଗୋଷ୍ଠୀ ହାମାସର ପ୍ରତିନିଧି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଶେଖ୍ ମହମ୍ମଦ ସିୟାମ ହେଉଛି ଅଲ୍-ଅସ୍‌କା ମସଜିଦର ଜଣେ ପୂର୍ବତନ ଇମାମ୍ । ଆମେରିକାର ଅନୁସନ୍ଧାନକାରୀ ସଂସ୍ଥା ଏଫ୍‌ବିଆଇର ଏକ ଯାଞ୍ଚରୁ ଜଣାପଡିଥିଲା ଯେ ହୋଲି ଲାଣ୍ଡ ଫାଉଣ୍ଡେସନ ଏବଂ ହାମାସର ଉପସ୍ଥିତି ଆମେରିକାରେ ରହିଛି ଏବଂ ଏମାନେ ଚ୍ଚନ୍ଦା ଆଦାୟ କରୁଛନ୍ତି । ଫେବୃଆରୀ ୨୦୧୯ରେ ମୃତ୍ୟୁବରଣ କରିଥିବା ଶେଖ୍ ମହମ୍ମଦ ସିୟାମ୍ ୧୯୯୪ରେ ଲସ୍ ଏଞ୍ଜେଲସଠାରେ ଆୟୋଜିତ ଏକ ସମ୍ମିଳନୀରେ ହାମାସ୍‌ର ଗାଜାଠାରେ କାର୍ଯ୍ୟରତ ସେନାମୁଖ୍ୟ ଭାବେ ଯୋଗ ଦେଇଥିଲା । (ଖ) ସେହିପରି ବଙ୍ଗଳାଦେଶର ଜମାତେ ଇସଲାମୀର ଅମୀର ବା ମୁଖ୍ୟଭାବେ କାର୍ଯ୍ୟ କରିଥିବା ଘୁଲାମ ଆଜାଦ ବଙ୍ଗଳାଦେଶୀ ରାଜନେତା । ବଙ୍ଗଳାଦେଶ ମୁକ୍ତି ଯୁଦ୍ଧ ସମୟରେ ୧୯୭୧ରେ ସେ ଅନେକ ଗଣହତ୍ୟା ସହ ସଂପୃକ୍ତ ରହିଥିଲେ । ଇଣ୍ଟରନେସନାଲ କ୍ରାଇମ୍ ଟ୍ରିବ୍ୟୁନାଲ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛି । ୨୦୧୩ରେ ରାୟ ପ୍ରକାଶ ପାଇବା ସହ ତାଙ୍କୁ ୯୦ବର୍ଷ କାରାଦଣ୍ଡ ପାଇଁ ପଠାଯାଇଥିଲା । ପରେ ୨୦୧୪ରେ ତାଙ୍କର ମୃତ୍ୟୁ ହେଲା । (ଗ) ଅନ୍ୟଜଣେ ବ୍ୟକ୍ତି ଡାକ୍ତର ମହମ୍ମଦ ଆୟୁବ ଠାକୁର ହେଉଛି ଜଣେ କାଶ୍ମିରୀ ସନ୍ତ୍ରାସବାଦୀ, ଯିଏକି ଆଇଏସ୍‌ଆଇ ପାଇଁ କାର୍ଯ୍ୟକରୁଥିଲା । ୧୯୮୧ରେ ସେ ଭାରତ ଛାଡି ବ୍ରିଟେନରେ ବସବାସ କରିଆସୁଛି । ବ୍ରିଟେନରେ ସେ ତିନୋଟି ସଂଗଠନ ୱାର୍ଲଡ କାଶ୍ମିର ଫ୍ରିଡମ ମୁଭମେଣ୍ଟ, ଦି ଜଷ୍ଟିସ ଫାଉଣ୍ଡେସନ ଏବଂ ମର୍ସି ୟୁନିଭର୍ସାଲ ଚଳାଉଛି । ମର୍ସି ୟୁନିଭର୍ସାଲ ମାଧ୍ୟମରେ ସେ ଆଇଏସ୍‌ଆଇ ଠାରୁ ସହାୟତା ଲାଭ କରିବାପରେ ସେହି ଅର୍ଥକୁ ସନ୍ତ୍ରାସବାଦୀ ସଂଗଠନ ଏବଂ କାଶ୍ମିରରେ କାର୍ଯ୍ୟରତ ମହିଳା ସନ୍ତ୍ରାସବାଦୀ ନେତ୍ରୀ ଆସିୟା ଅନ୍ଦ୍ରାବି ଏବଂ ତାର ସଂଗଠନ ଦୁଖତରାନ୍ -ଇ- ମିଲ୍ଲତକୁ ପଠାଇଥାଏ । (ଘ) ଆମେରିକାର ଜଣେ ଧର୍ମାନ୍ତରିତ ଖ୍ରୀଷ୍ଟିଆନ ବ୍ୟକ୍ତି ଜେଫ୍ରେ କେଅର୍ସେ ଇସଲାମରେ ଯୋଗଦାନ ପରେ ଇମାମ ସିରାଜ ୱାହଜ ନାମ ଗ୍ରହଣ କରିଛି । ସେ ଇସ୍‌ନାର ଜଣେ ପୂର୍ବତନ ଉପାଧକ୍ଷ ଏବଂ ଉତ୍ତର ଆମେରିକାର ମୁସଲିମ ଆଲିଆନ୍ସର ସେ ଜଣେ ନେତା । ୧୯୯୩ରେ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ରକୁ ବିମାନମାଡ କରି ଧ୍ୱଂସ କରିବା ଷଡଯନ୍ତ୍ରରେ ସାମିଲ ରହି ବୋମା ପ୍ରସ୍ତୁତ କରିଥିବା କ୍ଲେମାଣ୍ଟ ରଡନୀ ହାମ୍ପଟନ-ଏଲ୍ ସହ ୱାହଜର ସଂପର୍କ ରହିଥିଲା । ସିରାଜର ପୁତ୍ର ସିରାଜ ୱାହଜ (ଜୁନିଅର) ୨୦୧୮ରେ ନିଉ ମେକ୍‌ସିକୋ ପୁଲିସ ଗିରଫ କରିଥିଲା । ୧୧ଜଣ ପିଲାଙ୍କୁ ଅଟକରଖି ସନ୍ତ୍ରାସବାଦରେ ସାମିଲ କରିବାକୁ ଯୋଜନା କରିଥିଲା ବେଳେ ପୁଲିସ ସିରାଜ ସହ ଅନ୍ୟ ପାଞ୍ଚଜଣଙ୍କୁ ଗିରଫ କରିଥିଲା । ଏମାନେ ଆମେରିକାରେ ଆକ୍ରମଣ ପାଇଁ ପିଲାମାନଙ୍କୁ ଆତ୍ମଘାତୀ ବୋମା ଭାବେ ବ୍ୟବହାର କରିଥା’ନ୍ତେ ।

ଇସଲାମିକ୍ ସର୍କଲ ୨୦୧୬ରେ ବଙ୍ଗଳାଦେଶର ଜମାତେ ଇସ୍‌ଲାମୀ ଓ ଅଲ୍-ବଦର ନେତା ମୋତିଉର ରହମନ ନିଜାମୀକୁ ୧୯୭୧ ଯୁଦ୍ଧରେ ହିନ୍ଦୁ ନର ସଂହାର ମାଧ୍ୟମରେ ଇସଲାମର ସମ୍ମାନ ବୃଦ୍ଧି କରିଥିବା ହେତୁ ମରଣୋତ୍ତର ସମ୍ମାନ ପ୍ରଦାନ କରିଥିଲା । ରହମନ ଜଣେ ସଇତାନ ପ୍ରବୃତ୍ତିର ବ୍ୟକ୍ତି ଥିଲା । ୪ ଜୁନ୍ ୧୯୭୧ରେ ବଙ୍ଗଳାଦେଶର ପଲ୍‌ଟନ ଜିଲ୍ଲା ସ୍କୁଲର ମୁଖ୍ୟ କାଶିମଉଦ୍ଦୀନଙ୍କୁ ହତ୍ୟା କରିଥିଲା । ତା ବିରୁଦ୍ଧରେ ୪୫୦ ଲୋକଙ୍କୁ ହତ୍ୟା, ଧର୍ଷଣ ପରି ଅଭିଯୋଗ ରହିଥିଲା । ଢାକାର ମହମ୍ମଦପୁରସ୍ଥିତ ଶାରୀରିକ ପ୍ରଶିକ୍ଷଣ ସଂସ୍ଥାନରେ ସେ ସମସ୍ତ ପ୍ରକାର କୁକୃତ୍ୟ କରିଥିଲା । ପାବ୍‌ନାର କରମଜାର ଘରଦ୍ୱାର ଭାଙ୍ଗି ଲୁଟ୍ କରିବା ସହ ୮ ମଇ ୧୯୨୧ସେ ସେଠାରେ ସମସ୍ତ ପ୍ରକାର ଅତ୍ୟାଚ୍ଚର ଚଳାଇଥିଲା । ୧୮ ଏପ୍ରିଲ ୧୯୭୧ରେ ଈଶ୍ୱରାର୍ଦ୍ଦି ପୁଲିସ ଥାନା ଅନ୍ତର୍ଗତ ଅରପରା ଏବଂ ଭୁସେରଗାମ ଗ୍ରାମରେ ସେ ୨୧ଜଣ ଗ୍ରାମବାସୀଙ୍କୁ ହତ୍ୟା କରିଥିଲା । ୯ ଡିସେମ୍ବର ୧୯୭୧ରେ ବ୍ରିସାଲିଖା ଗ୍ରାମରେ ସେ ୭୦ ହିନ୍ଦୁଙ୍କୁ ହତ୍ୟା କରିଥିଲା । ଘୃଣାତ୍ମକ ଭାଷଣ ଦେଇ ସେ ସାଧାରଣ ଲୋକଙ୍କୁ ହିଂସାକାଣ୍ଡ ପାଇଁ ଉତ୍ତେଜିତ କରୁଥିଲା । ବଙ୍ଗଳାଦେଶର ବୁଦ୍ଧିଜୀବୀ ଏବଂ ପେସାଦାର ଲୋକଙ୍କ ହତ୍ୟା ପଛରେ ତାର ବଡ ଭୂମିକା ରହିଥିଲା । ଦେଶଛାଡି ଚ୍ଚଲିଯାଇଥିବା ମୋତିଉରର ବଙ୍ଗଳାଦେଶରେ ବିଚ୍ଚର ହୋଇ ତାକୁ ଯୁଦ୍ଧ ଅପରାଧୀ ଘୋଷଣା କରାଯାଇଥିଲା । ୨୦୧୦ରେ ଶେଖ୍ ହାସିନା ଦ୍ୱିତୀୟଥର ପାଇଁ ସରକାରଙ୍କୁ ଆସିବା ପରେ ଜଷ୍ଟିସ ଫର୍ ଅଲ୍ ବଙ୍ଗଳାଦେଶ ଆଲର୍ଟ ନାମରେ ଏକ ପ୍ରକଳ୍ପ ଆରମ୍ଭ କରିଥିଲା । ଶେଖ ହାସିନା ବଙ୍ଗଳାଦେଶ ଯୁଦ୍ଧର ଗଣହତ୍ୟାକାରୀ ପାକ୍‌ସମର୍ଥକଙ୍କ ବିଚ୍ଚର ପାଇଁ ଟ୍ରିବ୍ୟୁନାଲ ବସାଇବା ପରେ ଜଷ୍ଟିସ ଫର୍ ଅଭିଯୁକ୍ତଙ୍କୁ ସମ୍ମାନୀତ କରିବାର ମାର୍ଗ ପ୍ରଶସ୍ତ କରିଥିଲା । ଅସ୍ରଫୁଜ ଜମାନ ଖାଁ ଅନ୍ୟ ଜଣେ ଯୁଦ୍ଧ ଅପରାଧୀ ଥିଲେ ବି ବର୍ମା ଟାସ୍କ ଫୋର୍ସ ପରି ଜଷ୍ଟିସ ଫର ଅଲ୍ ପ୍ରକଳ୍ପର ପ୍ରତିଷ୍ଠାତା ସଦସ୍ୟ ରହିଥିଲା । ମୌଲାନା ମୌଦୁଦୀର ଅନୁବାଦକ ଖୁର୍ରମ ଝା ମୁରାଦ ପରି ଲୋକେ ସାଉଣ୍ଡ ଭିଜନର ସଂସ୍ଥା ପାଇଁ ମହାନ ହୋଇ ରହିଛନ୍ତି । ତାଙ୍କ ପୁତ୍ର ଅହମ୍ମଦ ମୁରାଦ ଏହି ସଂସ୍ଥାର ପ୍ରତିଷ୍ଠାତା ସଦସ୍ୟ ଓ ପୂର୍ବତନ ଉପାଧକ୍ଷ ରହିଛନ୍ତି । ତେଣୁ ଇସ୍‌ନା ଏବଂ ଜେଏଫ୍‌ଏ ପରି ସଂଗଠନର ହିଂସା ଏବଂ ସନ୍ତ୍ରାସପ୍ରୀତି ଏଥିରୁ ଜଣାପଡେ । ଏହିସବୁ ସଂଗଠନ ଆମେରିକାରେ ହିନ୍ଦୁ ବିରୋଧୀ ଭାରତ ବିରୋଧୀ ଗୋଷ୍ଠୀର ଏକ ନେଟୱାର୍କ ଚଳାଇ ଆସିଛନ୍ତି ।




# ଚାଷୀଙ୍କୁ ଉଚିତ୍ ମୂଲ୍ୟ ଦିଅ !

ନିକଟରେ କେନ୍ଦ୍ର ସରକାର କେତେକ ରବି ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଘୋଷଣା କରିଛନ୍ତି । ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ସର୍ବାଧିକ ନୁହେଁ କିମ୍ବା ସର୍ବନିମ୍ନ ନୁହେଁ ବୋଲି କୁହାଯାଇପାରେ । ଏହା ସତ୍ୟ ଯେ, କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଆମ ଦେଶରେ ଏକ ନିତିଦିନିଆ ଦାବିରେ ପରିଣତ ହୋଇଛି । ଯାହାକୁ ବିଭିନ୍ନ ରାଜନୈତିକ ଦଳ ଓ କୃଷକ ସଂଗଠନଗୁଡିକ ଏକ ପ୍ରମୁଖ ଅସ୍ତ୍ର ଭାବେ ଗ୍ରହଣ କରି ଆସିଛନ୍ତି । ବହୁଚର୍ଚ୍ଚିତ କୃଷି ବିଲରେ ଏମଏସପି ଉଚ୍ଛେଦ ଆଶଙ୍କାରେ ଦେଶରେ କୃଷକ ସଂଗଠନଗୁଡିକ ଦୀର୍ଘ ଦେଢବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ କରିବା ହୁଏତ କେହି ମନରୁ ପାଶୋରି ନଥିବେ । ଶେଷରେ ଚାଷୀଙ୍କ ଦାବି ନିକଟରେ ମୁଣ୍ଡ ନୁଆଁଇ ସରକାର ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିନେବାକୁ ବାଧ ହୋଇଥିଲେ । ଅନ୍ୟପକ୍ଷରେ ଚାଷୀଙ୍କ ସମର୍ଥନ ପାଇଁ ରାଜନୈତିକ ଦଳଗୁଡିକ ଏମଏସପି ବୃଦ୍ଧି ଦାବି କରି ହଟଚମଟ ସୃଷ୍ଟି କରିବା ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଛି । କହିବା ବାହୁଲ୍ୟ ଚାଷରେ ଲାଭ ହାର ଅତି ନଗଣ୍ୟ । ଏହାସାଙ୍ଗକୁ ବିହନ, ରାସାୟନିକ ସାରଠାରୁ ଆରମ୍ଭ କରି ମଜୁରୀ ଏବଂ ବିଭିନ୍ନ ଚାପ ଉପକରଣର ଅହେତୁକ ମୂଲ୍ୟ ବୃଦ୍ଧି ସାଙ୍ଗକୁ ବନ୍ୟା, ବାତ୍ୟା, ମରୁଡି, ପରି ପ୍ରାକୃତିକ ବିପର୍ଯ୍ୟୟ ଚାଷ ପ୍ରତି ଚାଷୀଙ୍କୁ ବିମୁଖ କରିଦେଇଥିବାବେଳେ ପ୍ରଚୁର ଅମଳ ସମୟରେ ଚାଷୀ ଅଭାବୀ ବିକ୍ରୀର ସମ୍ମୁଖୀନ ହୋଇଛି । ଚାଷୀର ଆୟ ହ୍ରାସ ପାଇଥିବାବେଳେ ବେପାରୀ ମାଲେମାଲ ହୋଇଥାଏ । ତେବେ ଚାଷୀଙ୍କୁ ବେପାରୀ, ଦଲାଲଙ୍କ କବଳରୁ ରକ୍ଷାକରିବା ପାଇଁ ସରକାର ମଣ୍ଡି ଖୋଲିଛନ୍ତି । ମଣ୍ଡିରେ ସରକାର ଏମଏସପି ମୂଲ୍ୟରେ ଚାଷୀଙ୍କଠାରୁ ଶସ୍ୟ କିଣନ୍ତି । ମାତ୍ର ଆମ ଦେଶରେ ମଣ୍ଡି ଅବ୍ୟବସ୍ଥା, ଚାଷୀଙ୍କ ହୀନସ୍ତା ବୋଧହୁଏ କାହାରିକୁ ଅଛପା ନଥିବ । ଏହାସତ୍ତ୍ୱେ ମଣ୍ଡିରେ ଏମଏସପି ବା ସରକାରୀ ଦରରେ ଚାଷୀଙ୍କଠାରୁ ଅମଳ ଫସଲ କିଣା ଚାଷୀଙ୍କ ପାଇଁ ଏକ ବରଦାନ ହୋଇ ରହିଛି, ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ନିକଟରେ କେନ୍ଦ୍ର ସରକାର ଗହମର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୧୦୦ ଟଙ୍କା ବୃଦ୍ଧି କରିଛନ୍ତି । ଫଳରେ ଗହମର କ୍ୱିଂଟାଲ ପିଛା ମୂଲ୍ୟ ୨୦୨୫ ଟଙ୍କାକୁ ବୃଦ୍ଧି ପାଇଛି । ଗତ ଦୁଇବର୍ଷ ତୁଳନାରେ ଏହା ଯଥେଷ୍ଟ ଅଧିକ । ଗତ ଦୁଇବର୍ଷ ମଧ୍ୟରେ ଯଥାକ୍ରମେ କ୍ୱିଂଟାଲ ପିଛା ୪୦ ଟଙ୍କା ବୃଦ୍ଧି ପାଇଥିଲା । ତେବେ ଚଳିତ ବର୍ଷ ଏକାଥରକେ କ୍ୱିଂଟାଲ ପିଛା ୧୦୦ ଟଙ୍କା ବୃଦ୍ଧିର ଯଥେଷ୍ଟ କାରଣ ରହିଛି । ଗତ ଅକ୍ଟୋବର ପହିଲା ସୁଦ୍ଧା ଦେଶରେ ଗହମର ମହଜୁ ପରିମାଣ ୨୨.୭୫ ମିଲିଅନ ଟନ ଥିଲା । ଯାହାକି ଗତବର୍ଷ ଏହି ସମୟରେ ୪୬.୮୫ ମିଲିଅନ ଟନ ଥିଲା । ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦେଶରେ ଗହମ ଫସଲ କ୍ଷତିଗ୍ରସ୍ତ ହେବା ସହ ଉତ୍ପାଦକ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରିନାହିଁ । ପରିଣତି ସ୍ୱରୂପ କେତେକ ରାଜ୍ୟକୁ ଜାତୀୟ ସୁରକ୍ଷା ଯୋଜନାରେ ସରକାର ଗହମ ଯୋଗାଣ ସ୍ଥଗିତ ରଖିଥିବା ବେଳେ ବିଦେଶକୁ ରପ୍ତାନୀ ନିଷିଦ୍ଧ କରିଛନ୍ତି । ଚାଷୀଙ୍କଠାରୁ ୨୦.୫୨ ନିୟୁତ ଟନ ଗହମ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଯାହାଫଳରେ ଭାରତୀୟ ଖାଦ୍ୟ ନିଗମରେ ସରକାର ଆବଶ୍ୟକୀୟ ପରିମାଣର ଗହମ ମହଜୁଦ ରଖିପାରିବେ । କିନ୍ତୁ ଏହା ନିଶ୍ଚିତ ଯେ, ଯେତେବେଳେ ଖାଦ୍ୟଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଉଛି, ସେତେବେଳେ ଖାଉଟିଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଛି । ଏବେ ଅଟା ଓ ଗହମଜାତ ସାମଗ୍ରୀର ମୂଲ୍ୟ ହୁ ହୁ ହୋଇ ବଢିଚାଲିଥିବା ଜଣାଯାଏ । ଅବଶ୍ୟ ଅଟା ଓ ଗହମଜାତ ସାମଗ୍ରୀର ମୂଲ୍ୟ ବୃଦ୍ଧି କେବଳ ଆମ ଦେଶରେ ସୀମିତ ନୁହେଁ । ରୁଷ-ୟୁକ୍ରେନ ଯୁଦ୍ଧର ପ୍ରଭାବ ଏବେ ସମଗ୍ର ବିଶ୍ୱରେ ପଡିଛି । ଏହି ଦୁଇ ଦେଶରେ ବିଶ୍ୱର ମୋଟ ୪୦ ପ୍ରତିଶତ ଗହମ ଉତ୍ପାଦିତ ହେଉଥିବାବେଳେ ବିଦେଶକୁ ରପ୍ତାନୀ ବାଧାପ୍ରାପ୍ତ ହୋଇଛି । ସେହିପରି କେନ୍ଦ୍ର ସରକାର ସୋରିଷର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୪୦୦ ଟଙ୍କା ବୃଦ୍ଧି କରିଥିବାବେଳେ ଚଣାର କ୍ୱିଂଟାଲ ପିଛା ୧୦୫ ଟଙ୍କା ବୃଦ୍ଧି କରିଛନ୍ତି । ରବି ଋତୁ ଆରମ୍ଭ ପୂର୍ବରୁ ସରକାର ବିଭିନ୍ନ ରବି ଫସଲର ଏମଏସପି ବୃଦ୍ଧି କରିବା ହେଉଛି ଚାଷ ପାଇଁ ଚାଷୀଙ୍କୁ ଉତ୍ସାହିତ କରିବା । ଚାଷୀ ଚାଷ କରୁଛି । ଅଭାବୀ ବିକ୍ରିର ପ୍ରତିବର୍ଷ ସମ୍ମୁଖୀନ ହେଉଛି । ଚାଷୀଙ୍କୁ ଦେଢଗୁଣ ଆୟ ଦେବା ପାଇଁ ସ୍ୱାମୀନାଥନ କମିଟି ସୁପାରିଶ କରିଥିବା ବେଳେ ଇତିମଧ୍ୟରେ ତିନି ଦଶନ୍ଧି ବିତିଯାଇଥିଲେ ମଧ ଦେଶରେ ଏହା କାର୍ଯ୍ୟକାରୀ ହୋଇପାରିନାହିଁ । କେନ୍ଦ୍ର ହେଉ ବା ରାଜ୍ୟ ହେଉ ସରକାରମାନେ ଚାଷୀଙ୍କୁ ଅଧିକ ଆୟ ଦେଉଥିବ ଦାବି କରୁଥିବାବେଳେ ବାସ୍ତବରେ ତାହା ହୋଇପାରିଛି । ଚାଷୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ କୃଷି କ୍ଷେତ୍ରରେ ଦେଶ ଆତ୍ମନିର୍ଭରଶୀଳ ହୋଇପାରିଛି । ମାତ୍ର ଚାଷୀଙ୍କ ପ୍ରତି କ୍ରମାଗତ ଅବହେଳା ଭବିଷ୍ୟତରେ ଚାଷ ପ୍ରତି ସେମାନଙ୍କର ବିମୁଖର କାରଣ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଅନ୍ୟପକ୍ଷରେ ୨୦୫୦ ମସିହା ବେଳକୁ ଦେଶରେ ଗୁରୁତର ଖାଦ୍ୟ ସଂକଟ ସୃଷ୍ଟି ହୋଇପାରେ ବୋଲି କୃଷିବିତ୍‌ମାନେ ଆଶଙ୍କା ପ୍ରକାଶ କରିସାରିଲେଣି । ଖାଦ୍ୟଶସ୍ୟରେ ଦେଶକୁ ଆତ୍ମନିର୍ଭରଶୀଳତା ଅକ୍ଷୁର୍ଣ୍ଣ ରଖିବାକୁ ହେଲେ, ଚାଷ ଓ ଚାଷୀଙ୍କ ପ୍ରତି ଅବହେଳା ଗ୍ରହଣୀୟ ନୁହେଁ । ଚାଷୀଙ୍କ ଆୟ ଦେଢଗୁଣା କରିବାର ସମୟ ଏବେ ଆସିଛି ।

# ସ୍କାଉଟ୍ ଗାଇଡ଼୍ ତରଫରୁ ଅଭିନବ ଜନ୍ମଦିନ ପାଳନ



ଭୁବନେଶ୍ୱର (ପିଏନ୍)-ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ଜନ୍ମଦିନ ଉପଲକ୍ଷେ ରାଜ୍ୟ ମୁଖ୍ୟ କମିଶନରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ରସୁଲଗଡସ୍ଥିତ ମୋହିନି ପ୍ରମିଳା ଜରାନିବାସ ଯାଇ ସେଠାରେ ଥିବା ବୃଦ୍ଧବୃଦ୍ଧା ଲୋକମାନଙ୍କୁ ଭେଟି ସେମାନଙ୍କର ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହିତ ଶୀତ ଦିନରେ ସେମାନେ ଶୀତରୁ ରକ୍ଷାପାଇବା ପାଇଁ ଜରାନିବାସରେ ଥିବା ୪୦ରୁ ଊର୍ଦ୍ଧ୍ୱ ଲୋକମାନଙ୍କୁ ରାଜ୍ୟ ମୁଖ୍ୟକମିଶନର ଶ୍ରୀ ମିଶ୍ର ଗୋଟିଏ ଗୋଟିଏ କମ୍ବଳ ଦେବା ସହିତ ସେମାନଙ୍କ ଲାଗି ଖାଦ୍ୟ ଏବଂ ପାନୀୟ ଦେଇଥିଲେ । ଜରା ନିବାସରେ ଥିବା ଅନ୍ତେବାସୀମାନେ ଡଃ ମିଶ୍ରଙ୍କୁ ଏଭଳି କାର୍ଯ୍ୟ କରିଥିବାରୁ ବହୁତ ପ୍ରଶଂସା କରିବା ସହିତ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି ଅବସରରେ ଡଃ. ମିଶ୍ରଙ୍କ ସହିତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଚନ୍ଦ୍ରଶେଖରପୁରସ୍ଥିତ ଏକ ଅନାଥ ଆଶ୍ରମ ଯାଇ ଛୋଟ ଛୋଟ ପିଲାମାନଙ୍କ ଗହଣରେ କେକ୍ କାଟି ଜନ୍ମଦିନ ପାଳନ କରିବା ସହିତ ସମସ୍ତ ପିଲାମାନଙ୍କୁ କେକ୍ ଦେବା ସହିତ ସ୍କୁଲ ବ୍ୟାଗ, ଖାତା, ପେନ୍‌ସିଲ୍ ଏବଂ ଚକ୍‌ଲେଟ୍ ଦେଇଥିଲେ । ଏହି ଜିନିଷ ପାଇବା ପରେ ପିଲାମାନଙ୍କ ମନରେ ଖୁସିର ଲହରି ଖେଳିଯାଇଥିଲା । ଏଭଳି ଅଭିନବ ଭାବରେ ପିଲାମାନଙ୍କ ଗହଣରେ ନିଜର ଜନ୍ମଦିନଟିକୁ ପାଳନ କରିଥିବାରୁ ରାଜ୍ୟ ମୁଖ୍ୟ କମିଶନର ନିଜର ଖୁସିବ୍ୟକ୍ତ କରିବା ସହିତ ରାଜ୍ୟମୁଖ୍ୟାଳୟର ସମସ୍ତ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ସୁକଲ୍ୟାଣୀ ଟ୍ରଷ୍ଟ ପକ୍ଷରୁ ମାଣ୍ଡିଆ ଉତ୍ସବ ପାଳିତ




ଭୁବନେଶ୍ୱର (ପିଏନ): ବୁଦ୍ଧମନ୍ଦିର ପରିସରରେ ସୁକଲ୍ୟାଣୀ ଟ୍ରଷ୍ଟ ତରଫରୁ ପ୍ରଥମ ମାଣ୍ଡିଆ ଦିବସ ପାଳନ କରାଯାଇଅଛି । ଏହି ଉତ୍ସବକୁ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ଘ୍ୟ ପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଓଡ଼ିଶା ପ୍ରଶାସନିକ ଅଧିକାରୀ ସନ୍ନ୍ୟାସ କୁମାର ବେହେରା ଓ ସମାଜସେବୀ ଜ୍ୟୋତ୍ସ୍ନା ଦାସ, ସମାଜସେବୀ ମଧୁମିତା ରଥ ପ୍ରମୁଖ ଉଦଘାଟନ କରିଥିଲେ । ଉତ୍ସବ ପ୍ରାରମ୍ଭରେ ଉତ୍କଳ ଦୃଷ୍ଟିହୀନ ସଂଘର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ଓଡ଼ିଆ ମାଟିର ନିଜସ୍ୱ ଶସ୍ୟ ମାଣ୍ଡିଆରୁ ପ୍ରସ୍ତୁତ ମାଣ୍ଡିଆ ରୁଟି, ଡାଲି, ପୁରୀ ଇତ୍ୟାଦି ସୁକଲ୍ୟାଣୀ ଟ୍ରଷ୍ଟ ତରଫରୁ ମା’ ମହାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ନିବେଦନ କରାଯାଇଥିଲା । ସୁକଲ୍ୟାଣୀ ଟ୍ରଷ୍ଟ ପକ୍ଷରୁ ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କୁ କମ୍ବଳ ବିତରଣ କରାଯାଇଥିଲା । ଆଗାମୀ ଦିନରେ ମାଣ୍ଡିଆକୁ ନେଇ ନୂଆ ଖାଦ୍ୟଶିଳ୍ପ ମାଧ୍ୟମରେ ବହୁ ବେରୋଜଗାରୀ ଯୁବକ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରାଯାଇ ପାରିବ ବୋଲି ସୁକଲ୍ୟାଣୀ ଟ୍ରଷ୍ଟର ଅଧକ୍ଷା ସାଇପ୍ରଭା ବିଶ୍ୱାଳ ସୂଚନା ଦେଇଛନ୍ତି । ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ମାଣ୍ଡିଆ ମିଶନ୍ ମାଧ୍ୟମରେ ସକ୍ରୀୟ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି ।

# ଅଟଳଜୀ; ଭାରତୀୟ ରାଜନୀତିର ଭୀଷ୍ମ

ଜଣେ ସଚ୍ଚା ଜାତୀୟତାବାଦୀ, ରାଷ୍ଟ୍ରବାଦୀ ଦୂରଦୃଷ୍ଟି ସମ୍ପର୍ଣ୍ଣ ବିଶାଳ ହୃଦୟର ନେତା ଅଟଳ ବିହାରୀ ବାଜପେୟୀଙ୍କୁ ଭାରତର ରାଜନୈତିକ ଇତିହାସରେ ପିତାମହ ଭୀଷ୍ମ ବୋଲି କୁହାଯାଏ । ଜଣେ ବିଚ୍‌କ୍ଷଣ ରାଜନେତା, ପ୍ରଚ଼ଣ୍ଡ କବି ପ୍ରତିଭାର ଅଧିକାରୀ, ଆନ୍ତର୍ଜାତିକ ସ୍ତରରେ ଜଣେ ସଫଳ କୁଟନିତିଜ୍ଞ ଓ କୋଟି ହୃଦୟର ନେତା ଥିଲେ ଅଟଳଜୀ । ନିଆରା ଭାଷଣ ଦେବାର ଶୈଳୀରେ ମନ୍ତ୍ରମୁଗ୍ଧ କରି ଦିଅନ୍ତି ରୁଣ୍ଡିଭୁତ ଜନତାଙ୍କୁ । କହିବା ଭିତରେ ବେଳେ ବେଳେ ଆଖିପତା ବୁଜି ହେଇ ଯାଉଥାଏ । ପିତାମହ ଭୀଷ୍ମଙ୍କ ପରି ବହୁବାର ଶରଶଯ୍ୟାରେ ପଡ଼ିଛନ୍ତି । ସହିଛନ୍ତି ଆଉ ଶରବ୍ୟ ହୋଇଛନ୍ତି ଅସଂଖ୍ୟ ଉପହାସ ଓ ଅଟ୍ଟହାସ୍ୟରେ , କିନ୍ତୁ ଖାତିରି କରି ନାହାଁନ୍ତି ନିନ୍ଦୁକ ମାନଙ୍କୁ । ୧୯୯୬ ରେ ମାତ୍ର ତେରଦିନ ପାଇଁ ଭାରତର ଦଶମ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲେ କିନ୍ତୁ ପ୍ରମାଣ କରି ପାରି ନଥିଲେ ସଂଖ୍ୟା ଗରିଷ୍ଠତା । ଇସ୍ତଫା ଦେଇଥିଲେ ପଦରୁ । ତେରଦିନର ପ୍ରଧାନମନ୍ତ୍ରୀ ଭାବରେ ସଂସଦରେ ତାଙ୍କର ଶେଷ ଭାଷଣ ଯେଉଁମାନେ ଶୁଣିଥିବେ, ନିଶ୍ଚିତ ଅନୁଭବ କରିଥିବେ ଏହି ମହାନ ତ୍ୟାଗୀ,ଚ଼ିର ଅବିବାହିତ ଯୋଗୀ ପ୍ରତିମ ନେତାଙ୍କର ମହାନତାକୁ । କ୍ଷମତା ନୁହଁ,ଦେଶ ବଡ଼ , ତାଙ୍କ କଥା ଓ କାର୍ଯ୍ୟରେ ବାରମ୍ବାର ପ୍ରତିଧ୍ୱନିତ ହୋଇଛି ଏହି ବାର୍ତ୍ତା । ପୁଣିଥରେ ୧୯୯୮ ରେ ହୋଇଥିଲେ ଭାରତର ପ୍ରଧାନମନ୍ତ୍ରୀ ମାତ୍ର ତେରମାସ ପାଇଁ । ଇତି ମଦ୍ଧରେ ପଡୋଶୀ ପାକିସ୍ତାନ ରଚ଼ିଛି ଚ଼କ୍ରବ୍ୟୁହ ଭାରତ ପାଇଁ କିଛିଟା ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ । ଆରମ୍ଭ ହୋଇଛି କାର୍ଗିଲ୍ ଯୁଦ୍ଧ । ଦେଶପ୍ରେମ ଓ ସାହସିକତାର ପ୍ରମାଣ ଦେଇଛନ୍ତି ଅଜାତଶତ୍ରୁ ଅଟଳ । ପାକିସ୍ତାନର ପରମାଣୁ ଯୁଦ୍ଧର ଧମକ ଆଗରେ ମୁଣ୍ଡ ନଇଁ ନାହାଁନ୍ତି ସରଳ କିନ୍ତୁ ପରିସ୍ଥିତି ପାଇଁ କଠୋର ନିଷ୍ପତ୍ତି ନେଇ ପାରୁଥିବାର ପ୍ରଚ଼ଣ୍ଡ କ୍ଷମତା ରଖୁଥିବା ବାଜପେୟୀ ସାହେବ । ଜବାବ୍ ଦେଇଛନ୍ତି କଠୋର ଭାଷାରେ । ପରମାଣୁ ବୋମା ପକେଇ ହୁଏତ ପାକିସ୍ତାନ ଭାରତର ଗୋଟିଏ ସହରକୁ ଧ୍ୱଂସ ମୁହଁକୁ ଠେଲିଦେଇ ପାରେ କିନ୍ତୁ ରାତି ପାହିଲା ବେଳକୁ ସଂପୂର୍ଣ୍ଣ ପାକିସ୍ତାନ ହଜି ଯାଇଥିବ ବିଶ୍ୱ ମାନଚ଼ିତ୍ରରୁ । ଶେଷରେ ଆମେରିକାର ତତ୍କାଳିନ ରାଷ୍ଟ୍ରପତିଙ୍କ ମଦ୍ଧସ୍ତତାରେ ବିରାମ ନେଇଛି ଯୁଦ୍ଧ । ହଟି ଯାଇଛନ୍ତି ସନ୍ତ୍ରାସବାଦୀଙ୍କ ସମେତ ପାକିସ୍ତାନର ସୈନିକ ମାନେ ପଛକୁ । ୧୯୯୯ ନିର୍ବାଚ଼ନରେ ବାଜପେୟୀଙ୍କ ନେତୃତ୍ୱାଧୀନ ମେଣ୍ଟ ହାସଲ କରିଥିଲା ସଂଖ୍ୟା ଗରିଷ୍ଠତା । ବାଜପେୟୀଙ୍କ ବ୍ୟକ୍ତିତ୍ୱ ଆଗରେ ଫିକା ପଡି ଯାଇଥିଲେ ସମସ୍ତେ । ଏକାକୀ ଭାରତୀୟ ଜନତା ପାର୍ଟି ହାସଲ କରିଥିଲା ୧୮୨ ଟି ଆସନ ଲୋକସଭାରେ । ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବରେ ପୂରଣ କରିଥିଲେ ପୁରା କାର୍ଯ୍ୟକାଳ । ସ୍ୱର୍ଣ୍ଣ ଚ଼ତୁର୍ଭୁଜ ଯୋଜନା, ନଦୀ ସଂଯୋଗୀକରଣ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ,୨୦୦୧ ରେ ସର୍ବଶିକ୍ଷା ଅଭିଯାନର ଶୁଭାରମ୍ଭ ତାଙ୍କର ମାନସ ପୁତ୍ର ସବୁ । କାର୍ଗିଲ୍ ଯୁଦ୍ଧର ସଫଳତା ତାଙ୍କ ଛବିକୁ କରିଛି ଆହୁରି ଗରୀଆନ । ଏମିତି ସୁଉଚ୍ଚ଼ ଉତୁଙ୍ଗ ବ୍ୟକ୍ତିତ୍ୱ ଯାହାଙ୍କୁ ସମସ୍ତେ ଭଲ ପାଆନ୍ତି ହୃଦୟରେ ଏପରିକି ରାଜନୀତିର ମୈଦାନରେ ତାଙ୍କୁ ଘୋର ବିରୋଧ କରୁଥିବା ନେତୃବୃନ୍ଦ ମୁଣ୍ଡ ନୁଆଇଁ ଦିଅନ୍ତି ତାଙ୍କ ଭଳି ଜଣେ ଛଳଛଳ ସରଳ ମଣିଷର ବ୍ୟକ୍ତିତ୍ୱ ପାଖରେ । ୨୫ ଡିସେମ୍ବର ୧୯୨୪ ରେ ମଧ୍ୟପ୍ରଦେଶର ଗୋଆଲିୟର ରେ ଜନ୍ମ । ଭିକ୍ଟୋରିଆ ମହାବିଦ୍ୟାଳୟ, ଆଗ୍ରା,ରୁ ପାଶ୍ କରିଛନ୍ତି ଗ୍ରାଜୁଏସନ୍ । ତାପରେ ଆଗ୍ରା ବିଶ୍ୱବିଦ୍ୟାଳୟରୁ ହାସଲ କରିଛନ୍ତି ମାଷ୍ଟର ଡିଗ୍ରୀ । ଯୋଗ ଦେଇଛନ୍ତି ହିନ୍ଦୁ ଜାତୀୟତାବାଦୀ ସ୍ୱେଚ୍ଛାସେବୀ ସଂଗଠନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ ଜଣେ ସାଧାରଣ ସଦସ୍ୟ ଭାବରେ । ଭାରତୀୟ ଜନସଂଘର ବି ସଦସ୍ୟ ରହିଛନ୍ତି ୧୯୫୧ ରୁ ୧୯୭୭ ଯାଏଁ । ୧୯୭୭ ରେ ମୋରାରଜୀ ଦେଶାଇ ଭାରତର ପ୍ରଧାନମନ୍ତ୍ରୀ ଥିବା ବେଳେ, ଜାତିସଂଘରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି ବାଜପେୟୀ । ହିନ୍ଦୀରେ ଭାଷଣ ଦେଇ ସୃଷ୍ଟି କରିଛନ୍ତି ଇତିହାସ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ଜୁନ୍ ୪

# ପେଜ, ପଖାଳ ଓ ପ୍ରଭୁ ଜଗନ୍ନାଥ


ଦେବରାଜ ପଟ୍ଟନାୟକ

ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ।

ଓଡ଼ିଆରେ ଗୋଟିଏ କଥା ଅଛି 'ଶାଗଖିଆକୁ ପେଜପିଆ ସହିପାରେ ନାହିଁ।' ଏହାର ଅର୍ଥ ଯିଏ ପେଜ ପିଇ ଜୀବନ ବଞ୍ଚୁଥାଏ, ଅର୍ଥାତ୍ ଅତି ଗରିବ, ସିଏ ଶାଗ ପଖାଳ ଖାଇ ବଞ୍ଚୁଥିବା ଗରିବ ଲୋକଟିକୁ ଈର୍ଷା କରେ। କିନ୍ତୁ ଏଇ ପେଜ ଓ ପଖାଳ ଏ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ସହ ଯୋଡ଼ି ହୋଇ ଏହାକୁ ଗୌରବ ଦେଇଛି। ଭକ୍ତ ଦାସିଆ ଉପାଖ୍ୟାନ ରାମ ଦାସ ବିରଚିତ ଦାର୍ଢ୍ୟତା ଭକ୍ତିରେ ଅଛି। ଶ୍ରୀକ୍ଷେତ୍ର ପୁରୀ ଠାରୁ ଦୁଇ କୋଶ ଦୂର ବାଲିଗ୍ରାମ ବା ବାଲିଗାଁରେ ଦାସିଆ ବାଉରିର ଘର। ସେ ଜାତିର ଖନ୍ଦାଳ। ଖନ୍ଦାଳ ବା ଖଦାଳ ତନ୍ତୀ ଜାତିବିଶେଷ। ଦାର୍ଢ୍ୟତା ଭକ୍ତି ଅନୁସାରେ ନାମ ତା ଦାସିଆ ବାଉରି ଶବର ଜାତି ତୁଲ୍ୟେ ସରି। ସେମାନେ ଥିଲେ ସ୍ୱାମୀ-ସ୍ତ୍ରୀ ଦୁଇ ପ୍ରାଣୀ। ତାଙ୍କର ପିଲାପିଲି ନଥିଲେ। ଦାସିଆ ପାପ-ପୁଣ୍ୟ କ'ଣ ଜାଣି ନଥିଲା।

ବାଲିଗାଁର ବ୍ରାହ୍ମଣଙ୍କ ଘରେ ବ୍ରତ ଉତ୍ସବ ଆଦିରେ ନାମ ଗାୟନ ହୁଏ। ତାହା ଦାସିଆକୁ ଭଲ ଲାଗେ। ଏହିପରି ନାମ ଗାୟନ ଶୁଣୁଶୁଣୁ ତା ଭିତରେ ଦିବ୍ୟଜ୍ଞାନର ଉଦୟ ହେଲା। ସୁଜନଙ୍କ ପାଖରେ ବସିଲେ ତାର ମନ ଆନନ୍ଦ ହେଲା। କ୍ରମେ ପାପ କ'ଣ ପୁଣ୍ୟ କ'ଣ ତାହା ବି ସେ ବୁଝିଲା। ଯେଉଁଦିନ ଯାହା ମିଳେ ସେ ସୁଖରେ ଖାଏ। ସୁଖଦୁଃଖକୁ ସମାନ ମଣେ। ସବୁବର୍ଷ ପରି ସେ ବର୍ଷ ଗୁଣ୍ଡିଚା ଯାତ୍ରା ଆସିଲା। ଦାସିଆ ପୁରୀ ଯାଇ ରଥରେ ଜଗନ୍ନାଥଙ୍କୁ ଦର୍ଶନ କଲା। ରାମ ଦାସ ତାହାର ବର୍ଣ୍ଣନା କରି କହିଛନ୍ତି 'କଳା ଶ୍ରୀମୁଖକୁ ଅନାଇ, ବେନି ନୟନୁ ଧାର ବହି, ରଙ୍ଗ ଅଧର କଳା ଡୋଳା, ଦେଖି ଭାବରେ ହେଲା ଭୋଳା।' ଦାସିଆ ଘରୁକୁ ଫେରିଲା ତା ସ୍ତ୍ରୀ ରଙ୍ଗହାଣ୍ଡିରେ ରାନ୍ଧିଥିବା ପେଜମିଶା ଭାତ ବା ଜାଉ ଆଣି ତା'ଆଗରେ ଥୋଇଦେଲା। ମଝିରେ ଥିଲା ମେଞ୍ଚାଏ ଶାଗଭଜା। ତାହାର ସୁନ୍ଦର ବର୍ଣ୍ଣନା ଅଛି 'ଦାର୍ଢ୍ୟତା ଭକ୍ତି'ରେ। ତାହା ଦେଖି ଦାସିଆ ମନରେ ଭାବାନ୍ତର ହେଲା 'ହାଣ୍ଡି ସୁରଙ୍ଗ ପେଜ ଧଳା, ତା ମଧ୍ୟେ ଶାଗ ଦିଶେ କଳା, ସାକ୍ଷାତେ ପଦ୍ମଡୋଳା ଏହି, ଗୋଳି କି ରୂପେ ଖାଇବଇଁ।' ପରେ ଦାସିଆ ପଠାଇଥିବା ତା ବାରିର ନଡ଼ିଆ କିପରି ଜଗନ୍ନାଥ ନେଲେ, ତାହା ଭକ୍ତ ଓ ଭାବଗ୍ରାହୀଙ୍କ ସଂପର୍କରେ ଏକ ଅନୁପମ କିମ୍ବଦନ୍ତୀ ଆମ ଓଡ଼ିଶାରେ ଗଢ଼ିଛି।

ପେଜ ହେଉଛି ରନ୍ଧା ଭାତର ଫେଣ। ଭାତ ରାନ୍ଧିଲେ ଯେଉଁ ଫେଣମୟ ଜଳ ବାହାରେ ତାହା ପେଜ। ପେଜ ମଧ ଅନେକ ଅଞ୍ଚଳରେ ରନ୍ଧାଭାତକୁ ବୁଝାଏ। ସମ୍ବଲପୁର ଓ ଲରିଆ ଭାଷାରେ ପେଜର ଅର୍ଥ ପଖାଳ। ତାତ୍ପର୍ଯ୍ୟପୂର୍ଣ୍ଣ ଏହି ଯେ ଦାସିଆ ବାଉରିର ଏହି ପେଜ ବା ପଖାଳ ମଧ ତା ନଡ଼ିଆ ପରି ଭକ୍ତଭାବଭଗ୍ରାହୀଙ୍କ କିମ୍ବଦନ୍ତୀ ଅଙ୍ଗ ହୋଇଛି। ଶ୍ରୀଜଗନ୍ନାଥଙ୍କ ଭୋଗସାମଗ୍ରୀ ମଧ୍ୟରେ ଅନ୍ୟୁନ୍ୟ ପାଞ୍ଚ ପ୍ରକାରର ପଖାଳ ଭୋଗ। ଶ୍ରୀଜଗନ୍ନାଥଙ୍କ ପଖାଳପ୍ରିୟତାର ନିଦର୍ଶନ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତିକାନ୍ତି ଓଡ଼ିଆ ଭକ୍ତି ଭାବନାର ବିଶ୍ୱାସ, ପରମ୍ପରା ଓ ବିଚାର ଉପରେ ପର୍ଯ୍ୟବେଶିତ। ମହାପ୍ରଭୁ ଆମ ସମସ୍ତଙ୍କୁ କୃପା ପ୍ରଦାନ କରୁଥାନ୍ତୁ ଏହା ହିଁ କାମନା।

*ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ,*
*ମିଶନ ରୋଡ଼, ବକ୍ସି ବଜାର,*
*କଟକ,*
*ଦୂରଭାଷ : ୯୮୬୧୧୮୭୨୧୨*

# ସାବିତ୍ରୀ-ସତ୍ୟବାନ ଉପାଖ୍ୟାନ


ବେହୁଲା ପଟ୍ଟନାୟକ

ମହାଭାରତର ବନ ପର୍ବରେ ସାବିତ୍ରୀ ସତ୍ୟବାନ ଉପାଖ୍ୟାନ ବର୍ଣ୍ଣନା କରାଯାଇଛି । ସ୍କନ୍ଧ ପୁରାଣ, ଭବିଷ୍ୟ ପୁରାଣରେ ଏହି ବ୍ରତର ମହିମା ବର୍ଣ୍ଣିତ । ଏକାଦଶ ଶତାବ୍ଦୀରେ ସ୍ମୃତିକାର ଗଦାଧର ରାଜଗୁରୁଙ୍କ ଗ୍ରନ୍ଥରେ ଏହାର ବର୍ଣ୍ଣନା ଦେଖିବାକୁ ମିଳେ । ଜ୍ୟେଷ୍ଠମାସ ଅମାବାସ୍ୟା ଦିନ ଏହି ବ୍ରତ ପାଳିତ ହୋଇଥାଏ । କୁହାଯାଏ ଯେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପତ୍ନୀ ସାବିତ୍ରୀ ପ୍ରଥମେ ଏହି ବ୍ରତ ପାଳନ କରିଥିଲେ । ସେ ଏହି ବ୍ରତରେ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା କରିଥିଲେ । ମହାଭାରତରେ ବର୍ଣ୍ଣିତ ସାବିତ୍ରୀ ଉପାଖ୍ୟାନ ଅନୁସାରେ ଏକଦା ଧର୍ମରାଜ ଯୁଧିଷ୍ଠିର ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଲେ - 'ହେ ମାଧବ, ସଂସାରରେ କେଉଁ ବ୍ରତ ନାରୀମାନଙ୍କ ପାଇଁ ଶ୍ରେଷ୍ଠ ? ଭଗବାନ ଶ୍ରୀକୃଷ୍ଣ ଉତ୍ତର ଦେଇଥିଲେ – ହେ ଧର୍ମରାଜ, ପତିବ୍ରତା ନାରୀ ପାଇଁ ସାବିତ୍ରୀ ବ୍ରତ ସମ୍ପର୍କରେ ପଚାରିବାରୁ ସେ ତାହାର ମହିମା ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

ସତ୍ୟ ଯୁଗରେ ଅଶପତି ନାମରେ ଜଣେ ରାଜା ଥିଲେ । ତାଙ୍କ ପରି ଧନୀ, ପ୍ରଜାବତ୍ସଳ, ଧାର୍ମିକ ଓ ଯଶସ୍ୱୀ ରାଜା କେହି ନଥିଲେ । ରାଜକୀୟ ବିଳାସବ୍ୟସନରେ ଥାଇ ସୁଦ୍ଧା ତାଙ୍କର ଗୋଟିଏ ଅଭାବ ଥିଲା । ତାଙ୍କର କୌଣସି ପୁତ୍ର କନ୍ୟା ନଥିଲେ । ସେଥିପାଇଁ ରାଜା ଅଶ୍ୱପତି ଗଭୀର ଦୁଃଖ ମଧ୍ୟରେ ଜୀବନଯାପନ କରୁଥିଲେ । ଏକଦା ଜଣେ ଋଷି ତାଙ୍କରି ଆତିଥ୍ୟ ଗ୍ରହଣ କରି ପରମତୃପ୍ତି ଲାଭ କଲେ । ସେ ଧ୍ୟାନ ବଳରେ ରାଜାଙ୍କର ଦୁଃଖ ଜାଣିପାରିଲେ । ତାଙ୍କ ଭାଗ୍ୟରେ ପୁତ୍ର ସନ୍ତାନ ଯୋଗ ନଥିବାରୁ ଋଷିଜଣଙ୍କ କନ୍ୟାପ୍ରାପ୍ତି ନିମନ୍ତେ ଆଶୀର୍ବାଦ ପ୍ରଦାନ କରିବା ସହ ସାବିତ୍ରୀ ମନ୍ତ୍ର ଜପ କରିବାର ଉପାୟ ବତାଇଦେଲେ । ଏହି ମନ୍ତ୍ରର ପ୍ରଭାବରେ ରାଜା ଅଶ୍ୱପତିଙ୍କ ଔରସରୁ ପରମ ରୂପସୀ, ଗୁଣବତୀ, ସର୍ବଗୁଣସମ୍ପନ୍ନା କନ୍ୟା ଜନ୍ମ ହେଲା । ସାବିତ୍ରୀ ମନ୍ତ୍ରର ପ୍ରଭାବରେ କନ୍ୟା ରତ୍ନଟି ଜନ୍ମଲାଭ କରିଥିବାରୁ ତାର ନାମ ସାବିତ୍ରୀ ରଖାଯାଇଥିଲା । କ୍ରମେ ସାବିତ୍ରୀ ଯୌବନାବସ୍ଥାରେ ପାଦ ଦେଲେ । ତାଙ୍କ ବିବାହ ଲାଗି ସ୍ୱୟଂବରର ଆୟୋଜନ କରାଗଲା । ହେଲେ କୌଣସି ରାଜକୁମାର ସାବିତ୍ରୀଙ୍କ ପସନ୍ଦ ଯୋଗ୍ୟ ହେଲେନାହିଁ । ଏକଦା ସେ ବନ ଭ୍ରମଣରେ ଯାଇଥିବା ବେଳେ ଜଣେ ଋଷି କୁମାରଙ୍କୁ ଦେଖି ସାବିତ୍ରୀ ବିମୋହିତ ହୋଇପଡ଼ିଲେ । ମନେ ମନେ ତାଙ୍କୁ ପତି ରୂପରେ ବରଣ କରିନେଲେ । ଥରେ ଦେବର୍ଷି ନାରଦ ଅଶ୍ୱପତିଙ୍କ ରାଜ ଦରବାରକୁ ଯାଇଥାଆନ୍ତି । ସାବିତ୍ରୀ ତାଙ୍କୁ ବନ ମଧ୍ୟରେ ଦେଖିଥିବା ଋଷି କୁମାରଙ୍କ ସମ୍ପର୍କରେ ପଚାରିଲେ । ନାରଦ କହିଲେ ଋଷି କୁମାର ଜଣଙ୍କ ହେଉଛନ୍ତି ଅନ୍ଧନ୍ତୀର ଅନ୍ଧରାଜା ଦ୍ୟୁମତସେନଙ୍କ ପୁତ୍ର ସତ୍ୟବାନ । ରାଜା ଦ୍ୟୁମତସେନ ନିଜ ରାଜ୍ୟରୁ ବିତାଡ଼ିତ ହୋଇ ସପରିବାର ଅରଣ୍ୟରେ ବାସ କରୁଛନ୍ତି । କିନ୍ତୁ ସତ୍ୟବାନଙ୍କ ଆୟୁଷ ଆଉ ମାତ୍ର ଏକ ବର୍ଷ ବାକି ଅଛି । ହେଲେ ସାବିତ୍ରୀ ତାଙ୍କୁ ବିବାହ କରିବେ ବୋଲି ଜିଦ୍ ଧରିଲେ । ସେ ନାରଦଙ୍କୁ କହିଲେ ଯେ ଥରେ ମନ ଅନ୍ୟ ଜଣଙ୍କ ପ୍ରତି ଆକୃଷ୍ଟ ହୋଇଗଲା ପରେ ପୁଣି ମନ ବଦଳାଇବା ସତୀତ୍ୱ ବିରୁଦ୍ଧ ।

ପରେ ନାରଦଙ୍କ ମଧ୍ୟସ୍ଥତାରେ ଏକ ଶୁଭଲଗ୍ନରେ ସାବିତ୍ରୀ ଓ ସତ୍ୟବାନଙ୍କ ବିବାହ ସମ୍ପନ୍ନ ହେଲା । ସାବିତ୍ରୀ ଅରଣ୍ୟରେ ଶାଶୂଶ୍ୱଶୁରଙ୍କ ସେବା କରି ରହିଲେ । ତାଙ୍କ ସ୍ୱାମୀ ସତ୍ୟବାନ ଜଙ୍ଗଲରୁ କାଠ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଥିଲେ । ଏମିତି ସାବିତ୍ରୀଙ୍କ ବୈବାହିକ ଜୀବନ ହସଖୁସିରେ ବିତିଗଲା । କ୍ରମେ ସତ୍ୟବାନଙ୍କ ମୃତ୍ୟୁ ଦିନ ଉପଗତ ହେଲା । ସତ୍ୟବାନଙ୍କ ମୃତ୍ୟୁ ଦିନର ତିନି ଦିନ ପୂର୍ବରୁ ସାବିତ୍ରୀ ଶାଶୂ, ଶ୍ୱଶୁରଙ୍କ ପରାମର୍ଶକ୍ରମେ ଲକ୍ଷ୍ମୀନାରାୟଣ ବ୍ରତ ପାଳନ କଲେ । ଯେଉଁ ଦିନ ସତ୍ୟବାନ କାଳ ପୂରିବ ସେଦିନ ସାବିତ୍ରୀ ସତ୍ୟବାନଙ୍କ ସହ ବନକୁ ଗଲେ । ସତ୍ୟବାନ କାଠ ହାଣୁଥିବା ବେଳେ ହଠାତ୍ ତାଙ୍କର ମୁଣ୍ଡ ବୁଲାଇ ହେଲା । ସେ ସାବିତ୍ରୀଙ୍କ କୋଳରେ ଶୋଇ ସଂଜ୍ଞାହୀନ ହୋଇପଡ଼ିଲେ । ଅନ୍ୟପଟେ ଯମାଳୟରୁ ରାଜା ଯମ ନିଜ ଦୂତମାନଙ୍କୁ ସତ୍ୟବାନଙ୍କ ପ୍ରାଣଶକ୍ତିକୁ ଆଣିବା ଲାଗି ପଠାଇଲେ । କିନ୍ତୁ ଯମଦୂତମାନେ ସାବିତ୍ରୀଙ୍କ ସତୀତ୍ୱ ଶକ୍ତି ନିକଟରେ ପରାଜୟ ବରଣ କରି ଫେରିଗଲେ । ବାଧ୍ୟ ହୋଇ ଯମରାଜା ନିଜେ ମଇଁଷ ପୃଷ୍ଠରେ ବସି ସତ୍ୟବାନଙ୍କ ପ୍ରାଣଶକ୍ତିକୁ ନେବା ଲାଗି ସାବିତ୍ରୀଙ୍କ ନିକଟରେ ପହଞ୍ଚିଲେ ଏବଂ ସାବିତ୍ରୀଙ୍କ ସ୍ୱାମିଭକ୍ତିକୁ ପ୍ରଶଂସା କଲେ । ଯମରାଜା ସତ୍ୟବାନଙ୍କ ପ୍ରାଣଶକ୍ତିକୁ ନେଇ ଯାଉଥିବା ବେଳେ ସାବିତ୍ରୀ ତାଙ୍କ ପଛରୁ ଅନୁସରଣ କଲେ । ସାବିତ୍ରୀଙ୍କ ପତିଭକ୍ତିରେ ସନ୍ତୁଷ୍ଟ ହୋଇ ଯମରାଜ ଦୁଇଟି ବର ପ୍ରଦାନ କଲେ । ସାବିତ୍ରୀ ପ୍ରଥମ ବରରେ ଶ୍ୱଶୁରଙ୍କ ଚକ୍ଷୁଲାଭ ଓ ରାଜ୍ୟ ପ୍ରାପ୍ତି ଆଦାୟ କରିନେଲେ । ଦ୍ୱିତୀୟ ବରରେ ପିତାଙ୍କର ପୁତ୍ର ଲାଭ ପାଇଁ ଆଶୀର୍ବାଦ ଭିକ୍ଷା କଲେ । ଏହା ସତ୍ତ୍ୱେ ସାବିତ୍ରୀ ନିଜ ମନକୁ ସ୍ଥିର କରି ରଖିପାରିଲେ ନାହିଁ । ସେ ମନେ ମନେ ଚିନ୍ତା କଲେ ପତି ବିନା ଜଣେ ନାରୀର ଜୀବନ ନିରର୍ଥକ । ତେଣୁ ସେ ପୁଣି ଥରେ ଯମଦେବତାଙ୍କୁ ଅନୁସରଣ କଲେ । ଯମଦେବତା ତାଙ୍କୁ ରୋକିବା ଲାଗି ବିଭିନ୍ନ ଶକ୍ତି ପ୍ରୟୋଗ କଲେ ମଧ ସାବିତ୍ରୀଙ୍କ ସତୀତ୍ୱ ଶକ୍ତି ନିକଟରେ ପରାଜିତ ହେଲେ । ଶେଷରେ ଯମରାଜ କହିଲେ ଜନ୍ମମୃତ୍ୟୁ ହେଉଛି ବିଧି ନିର୍ଦ୍ଦିଷ୍ଟ । ଏହାକୁ ବଦଳାଇବା ମୋ ପକ୍ଷରେ ଅସମ୍ଭବ । ତେଣୁ ସତ୍ୟବାନଙ୍କ ଜୀବନ ପରିବର୍ତ୍ତେ ଯାହା କିଛି ଆବଶ୍ୟକ ତୁମେ ଶେଷ ବର ସ୍ୱରୂପ ମାଗିନିଅ । ସାବିତ୍ରୀ ଅତି ଚତୁରତାର ସହ କହିଲେ ମୋତେ ଶତପୁତ୍ରର ଜନନୀ ହେବାର ଆଶୀର୍ବାଦ କରନ୍ତୁ । ବ୍ୟସ୍ତ ବିବ୍ରତ ଥିବା ଯମରାଜ ତଥାସ୍ତୁ ବୋଲି କହିଲେ । ସେ ତାଙ୍କ ବାହନ ମଇଁଷ ପୃଷ୍ଠରେ ବସି ଯମାଳୟକୁ ଯିବା ଲାଗି ଉଦ୍ୟତ ହୁଅନ୍ତେ ସାବିତ୍ରୀ କହିଲେ ହେ ଯମରାଜ, ପତି ବିନା ପୁତ୍ରଲାଭ ଅସମ୍ଭବ । ମୁଁ ଜନନୀ ହେବି କେମିତି ? ସାବିତ୍ରୀଙ୍କ ଠାରୁ ଏହା ଶୁଣି ଯମରାଜା ନିରୁପାୟ ହୋଇପଡ଼ିଲେ । ବାଧ୍ୟ ହୋଇ ସେ ସତ୍ୟବାନଙ୍କ ଜୀବନ ଫେରାଇଦେଲେ । ସାବିତ୍ରୀ ନିଜ ବୁଦ୍ଧିମତା ଓ ନିଷ୍ଠା ବଳରେ ନିଜ ସ୍ୱାମୀଙ୍କ ଜୀବନ ଫେରିପାଇଲେ । ପୁରାଣରେ ବର୍ଣ୍ଣନା ରହିଛି ଯେ, ସାବିତ୍ରୀଙ୍କ ଭଳି କନ୍ୟା କୌଣସି ଗୃହରେ ଜନ୍ମ ନେଇଥିଲେ ପିତୃକୁଳ, ଶ୍ୱଶୁର, ଶାଶୂ ଓ ସ୍ୱାମୀଙ୍କର କଲ୍ୟାଣ ହୋଇଥାଏ ।

ମୋଟାମୋଟି ଭାବେ ସାବିତ୍ରୀ ଉପାଖ୍ୟାନରେ ସତୀତ୍ୱର ଜୟ ଜୟକାର କରାଯାଇଛି । କେବଳ ସାବିତ୍ରୀ ନୁହଁନ୍ତି, ମହାସତୀ ସୀତା, ଅନୁସୂୟା, ଶ୍ରୀରାଧା ପ୍ରମୁଖ ନାରୀମାନେ ନିଜର ସତୀତ୍ୱ ପାଇଁ କାଳର କରାଳ ବକ୍ଷରେ ଅମର ହୋଇ ରହିଛନ୍ତି । ସାବିତ୍ରୀ ବ୍ରତ କେବଳ ସୁସ୍ୱାଦୁ ଫଳ ଭକ୍ଷଣ, ନୂଆ ଶାଢ଼ି ପିନ୍ଧିବା, ମନ୍ଦିର ଯିବା, ନିଜକୁ ସଜେଇ ହେବା ମଧ୍ୟରେ ସୀମିତ ନରଖି ଏହାର ମୂଲ୍ୟବୋଧକୁ କାର୍ଯ୍ୟକାରୀ କଲେ ଏହି ବ୍ରତର ପୂଣ୍ୟଫଳ ମିଳିଥାଏ ।

ତେନ୍ତୋଇ, ନାଉଗାଁ, ଜଗତସିଂପୁର

# ନିଖୋଜ ବସନ୍ତ, ହଜି ଯାଉଛି ଋତୁ


*ବିପିନ ବିହାରୀ ରାଉତ*

ମୁଣ୍ଡ ଉପରେ ଟାଇଁ ଟାଇଁ ଖରା। ଇଆଡ଼େ ଅଦିନିଆ କାଳବୈଶାଖୀ। ଶୀତ ଓ ଗ୍ରୀଷ୍ମ ଋତୁ ମଧ୍ୟରେ ସବୁଠାରୁ ଆମୋଦଦାୟକ ବସନ୍ତ ଋତୁ କୁଆଡ଼େ ଯେ ଚାଲିଗଲା ତାହା ଜଣାପଡ଼ିଲାନି। ଜଳବାୟୁ ପରିବର୍ତ୍ତନର ଚାପ ଓ ବିଭିନ୍ନ ପରୀକ୍ଷା ନିରୀକ୍ଷା ଭିତରେ ଛଅଋତୁ ତଥାକଥିତ ଋତୁଚକ୍ର ଭିତରେ ହଜିବାକୁ ବସିଲାଣି। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟରର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶିବରାତ୍ରୀ ପର୍ଯ୍ୟନ୍ତ ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ପରିବେଶ ଉପରେ ବିଭିନ୍ନ ଗବେଷଣାଲବ୍ଧ ଜ୍ଞାନଭିତ୍ତିକ ତଥ୍ୟ ପ୍ରଦାନ କରୁଥିବା ବୈଜ୍ଞାନିକ ମାନଙ୍କ ମତ ହେଉଛି ଜଳବାୟୁ ଶୀତଋତୁରେ ଯେଉଁପରି ପରିବର୍ତ୍ତନ ପ୍ରଭାବକୁ ସାମ୍ନା କରିଛି ସେହି କାରଣ ପାଇଁ ବସନ୍ତ ଋତୁ ଏକ ପ୍ରକାର ଗାଏବ ହୋଇଯାଇଛି। ଆଉ ମୃଦୁ ମଳୟ ପବନ ବୋହୁନାହିଁ କି କୋଇଲିର କୁହୁ ତାନ ବି ଆଉ ଶୁଭୁନି। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ'ଣ ବରଫ ମେରୁ ତରଳି ଯିବ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ ରହିଛି।

ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢୁଛି ତାତି? କାହିଁକି ତରଳୁଛି ବରଫ ମେରୁ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ। ଜଳବାୟୁ ପରିବର୍ତ୍ତନ ବିଶ୍ୱର ସବୁକ୍ଷେତ୍ର ପାଇଁ ଆଉ ସବୁଠି ବଡ଼ ଚ୍ୟାଲେଞ୍ଜ ଭାବେ ଦେଖାଦେଇଛି। ଏଥିରୁ ଭାରତ ମଧ ବର୍ତ୍ତି ପାରିନାହିଁ। ଶୀତ ଦିନରେ କେଉଁଠି ଅଚାନକ ତାପମାତ୍ର ବଢ଼ି ଯାଉଛି ତ ଆଉ କେଉଁଠି ଅଶ୍ୱସ୍ତିକର ଗରମ ଲୋକଙ୍କୁ ଛାଟିପିଟି କରିଦେଉଛି। ଅଚାନକ ବନ୍ୟା ପରିସ୍ଥିତି ସହ ଭୟଙ୍କର କାଳବୈଶାଖୀ ଅଚାନକ କାଳଯମ ପରି ମାଡ଼ି ଆସୁଛି। ଏହି ଜଳବାୟୁ ପରିବର୍ତ୍ତନ କାରଣରୁ ଭାରତରେ ଋତୁ ମାନଙ୍କ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି। ଶୀତଋତୁ ସରିବା ପରେ ଅଚାନକ ଯେଉଁଭଳି ତାପମାତ୍ରା ବଢ଼ିଗଲା ସେଥିରୁ ସ୍ପଷ୍ଟ ସୂଚୀତ ହୋଇଗଲା ଯେ ବସନ୍ତ ଋତୁ ଏକ ପ୍ରକାର ଗାଏବ ହୋଇଯାଇଛି।

ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି। ୧୮୫୦ ମସିହା ପରଠାରୁ ବିଶ୍ୱର ତାପମାତ୍ରାରେ ହାରାହାରି ୧.୩ ଡିଗ୍ରୀ ସେଲସିୟସ ବଢ଼ିଛି। ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ୨୦୨୩ ମସିହା ଏକ ନୂଆ ରେକର୍ଡ଼ ସୃଷ୍ଟି କରିଛି କାରଣ ଏହି ସମୟରେ ହିଁ ତାପମାତ୍ରାରେ ଅଧିକ ବୃଦ୍ଧି ଦେଖାଯାଇଥିଲା। ଯାହାର ପ୍ରମୁଖ କାରଣ ହେଉଛି ପ୍ରାକୃତିକ ଗ୍ୟାସର ଅତ୍ୟଧିକ ବୃଦ୍ଧି ସହ କୋଇଲା ଓ ତୈଳର ବୃଦ୍ଧି ଦ୍ୱାରା ସୃଷ୍ଟି ହେଉଥିବା କାର୍ବନଡାଇଅକ୍ସାଇଡ଼ ସ୍ତର ବଢ଼ି ଯାଉଛି। ମଣିପୁରରେ ତାପମାତ୍ରା ସର୍ବାଧିକ ବୃଦ୍ଧି ରହୁଥିବାବେଳେ ଦେଶର ଦକ୍ଷିଣ ଭାଗରେ ଡିସେମ୍ବର ଓ ଜାନୁଆରୀରେ ଅଧିକ ତାପମାତ୍ରା ରହୁଛି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ଜାନୁଆରୀ ଓ ଫେବୃଆରୀ ମଧ୍ୟରେ ଶୀତଦିନର ତାପମାତ୍ରାରେ ନାଟକୀୟ ଭାବେ ପରିବର୍ତ୍ତନ ଘଟିଛି। ଜାମ୍ମୁ-କାଶ୍ମୀରରେ ସର୍ବାଧିକ ୩.୧ ଡିଗ୍ରୀ ଅଧିକ ତାତି ଅନୁଭୂତ ହୋଇଥିବାବେଳେ ତେଲେଙ୍ଗାନାରେ ସର୍ବନିମ୍ନ ୦.୪ ଡିଗ୍ରୀ ତାପମାତ୍ରା ବୃଦ୍ଧି ରେକର୍ଡ଼ ହୋଇଛି। ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି। ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ। ଏପଟେ ଋତୁଚକ୍ର ଅଚାନକ ଅନିୟମିତ ହୋଇ ବସନ୍ତ ପରି ଗୋଟିଏ ଋତୁ ହଜିଯିବାକୁ ବସିଲାଣି। ଏହାର ନିରାକରଣ ଓ ପରିଣତି ଆମ ମାନଙ୍କ ହାତରେ। ବ୍ୟାପକ ବୃକ୍ଷରୋପଣ, ଜଳସଂରକ୍ଷଣ ଓ ସବୁଜ ବଳୟ ସୃଷ୍ଟି ସହ କଂକ୍ରିଟମୁକ୍ତ ଜଙ୍ଗଲରୁ ନିଜକୁ ନିସ୍ତାର ପାଇବା ପାଇଁ ଉଦ୍ୟମ ଅପରିହାର୍ଯ୍ୟ ଓ ବାଞ୍ଛନୀୟ।

***ଶ୍ରୀବିହାର କଲୋନୀ,***
***କଟକ***




# ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସାଂସ୍କୃତିକ ସଂସଦର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ସରକାରୀ ହାଇସ୍କୁଲର ପୁରାତନ ଛାତ୍ର ସାଂସ୍କୃତିକ ସଂସଦ ଓ ଇନ୍ଦୁପୁର ହାଇସ୍କୁଲର ମିଳିତ ଆନୁକୂଲ୍ୟରେ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଉଦ୍‌ଘାଟକ, ପୂର୍ବତନ ସାଂସଦ ତଥା କଟକ ମହାନଗର ନିଗମର ମେୟର ସୁବାଷ ଚନ୍ଦ୍ର ସିଂ ମୁଖ୍ୟ ଅତିଥି ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଇନ୍ଦୁପୁର ଉଚ୍ଚ ବିଦ୍ୟାବିଦ୍ୟାଳୟ ଏକ ପୁରାତନ ଶିକ୍ଷାନୁଷ୍ଠାନ ରୂପେ କେବଳ କେନ୍ଦ୍ରାପଡା ଜିଲ୍ଲାରେ ନୁହେଁ ସାମଗ୍ର ରାଜ୍ୟରେ ତା'ର ସ୍ୱତନ୍ତ୍ରତା ପ୍ରତିପାଦନ କରିପାରିଛି ବୋଲି ମତବ୍ୟକ୍ତ କରି ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଐତିହ୍ୟ ଓ ଗାରିମାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ପରେ ପ୍ରାକ୍ତନ ସଭାପତି ପରିକ୍ଷୀତ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ପରିଚାଳନା ସଦସ୍ୟ ପର୍ଶୁରାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ର ସଂସଦ ସମ୍ପାଦକ ଶିକ୍ଷାବିତ ପ୍ରଣବ କୁମାର ଜେନା ସମ୍ପାଦକୀୟ ବୀବରଣୀ ପାଠ ମାଧ୍ୟମରେ ବିଦ୍ୟାଳୟର ବିବିଧ ସମସ୍ୟା ଉପସ୍ଥାପନା କରିବା ସହ ବିଧାୟକ ଏବଂ ମେୟରଙ୍କୁ ଏହାର ସମାଧାନ ପାଇଁ ନିବେଦନ କରିଥିଲେ । ସଂସଦର ସଭାପତି ପ୍ରଫେସର ଶ୍ରୀବତ୍ସ ଲାଞ୍ଛନ ଜେନା ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ସଂସଦର ପ୍ରାକ୍ତନ ସଭାପତି ତଥା ପୁରାତନ ଛାତ୍ର ଡା. ବିର୍ ନାରାୟଣ ଜଗଦ୍ଦେବ ଓ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକ ବିଦ୍ୟାଳୟର ପୂର୍ବ ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ବିଦ୍ୟାଳୟରେ ଯୋଗ ଶିକ୍ଷା କେନ୍ଦ୍ର ଖୋଲି ପିଲାମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଯୋଗଶିକ୍ଷା ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ । ବିଦ୍ୟାଳୟରେ ଏକ ସାଇକେଲ ଷ୍ଟାଣ୍ଡ ସ୍ଥାପନା ପାଇଁ ବିଧାୟକଙ୍କୁ ଅନୁରୋଧ କରିଥରଲେ । ଏହି ଅବସରରେ ସୁନାମଧନ୍ୟ ପ୍ରାକ୍ତନ ଶିକ୍ଷକ ଧନେଶ୍ୱର ପାଢୀଙ୍କୁ 'ଶିକ୍ଷକ ଗୌରବ ସମ୍ମାନ- ୨୦୨୨"ରେ ସମ୍ମାନୀତ କରାଯାଇଥିବା ବେଳେ ଅବସରପ୍ରାପ୍ତ ପ୍ରଶାସକ ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ 'ଛାତ୍ର ଗୌରବ ସମ୍ମାନ- ୨୦୨୨' ସମ୍ମାନରେ ସମ୍ମାନୀତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ସଫଳ ଛାତ୍ରଛାତ୍ରୀଙ୍କ ସମେତ ଆଖପାଖ ୧୦ରୁ ଉର୍ଦ୍ଧ୍ୱ ହାଇସ୍କୁଲର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର ଟପରମାନଙ୍କୁ ଆର୍ଥିକ ରାଶ. ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମୂରଲୀଧର ବିଶ୍ୱାଳ ଓ ଚନ୍ଦନ କୁମାର ସାହୁ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କର ମାନପତ୍ର ପାଠ କରିଥିବା ବେଳେ ପ୍ରାକ୍ତନ ଛାତ୍ର ଚିର ରଞ୍ଜନ ରାଉତ, ଶିକ୍ଷକ ସିଦ୍ଧାର୍ଥ ଶଙ୍କର ଜେନା ଓ ନରେଶ ମହାନ୍ତି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଉତ୍ସବରେ ଶହ ଶହ ପ୍ରାକ୍ତନ ଛାତ୍ରଛାତ୍ରୀ, ବିଭିନ୍ନ ପ ାୟତର ଜନ ପ୍ରତିନିଧି, ୫ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ଲିଲିତା ଦାସ, ୮ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ସଂସଦର ସହ ସମ୍ପାଦକ ତଥା ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ବିଜେଡି ନେତ୍ରୀ ଜ୍ୟୋସ୍ନାମୟୀ ପରିଡା, ସରପ ପ୍ରଦୀପ୍ତରଞ୍ଜନ ସୂତାର, ସମିତି ସଭ୍ୟା ସୁନନ୍ଦା ମଳିକ, ପରିବେଶବିତ କାଶୀନାଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଦେବେନ୍ଦ୍ର ରାଉତ, ପ୍ରଶାନ୍ତ କୁମାର ସିଂହ, ପ୍ରମୋଦ କୁମାର ପତି, ଶଶୀଭୂଷଣ ପଣ୍ଡା, ଦିଲ୍ଲିପ କୁମାର ଥାଟୋଇ, ପ୍ରକାଶ ଜେନା, ବିଜୟ ସାହାଣୀ, ମଦନ ସ୍ୱାଇଁ, ଗୌରାଙ୍ଗ ସାହୁ, ପ୍ରଦିପ କୁମାର ଦାସ, ଦେବାଶିଷ ସାମଲ, ଦୁଷ୍ମନ୍ତ କୁମାର ମଲିକ, ସେକ ମୋଇବୁରରବ୍, ଶିକ୍ଷକ ପ୍ରଦିପ କୁମାର ପୃଷ୍ଟି, ଗଜେନ୍ଦ୍ର ସ୍ୱାଇଁ, ଅନୁ ପମାନିକ, ସର୍ବେଶ୍ୱର ରଣା, ଶିକ୍ଷିକା ଆରତୀରଞ୍ଜନା ନାୟକ, ବିଷ୍ଣୁପ୍ରିୟା କର, ବନଲତା ପରିଡା, ବନ୍ଦିତା ସ୍ୱାଇଁ, ଚିନ୍ମୟୀ ବାରିକ, କବିତା ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଶ୍ରୀବତ୍ସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡ଼ାରେ ପ୍ରବାଦପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡ଼ାରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ସକାଳ ୬ଟାରେ କାଳୀ ଘାଟରେ ତିଳତର୍ପଣ କରାଯିବା ସହ ୭ ଟା ୩୦ମି.ରେ କେନ୍ଦ୍ରାପଡ଼ା ଡାକ୍ତରଖାନା ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବ ନ କରାଯାଇଥିଲା । ଏହାପରେ ନୂଆ ବସଷ୍ଟାଣ୍ଡ ଓ ମେଡିକାଲ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂ ିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା । ସକାଳ ୯ଟାରେ ପୌର ସଂସ୍ଥା ସମ୍ମିଳନୀ କକ୍ଷରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଓଡିଶା ମୋ ପରିବାର ଆନୁକୂଲ୍ୟରେ ଓ ବିଜୁ ଯୁବ, ଛାତ୍ର, ମହିଳା ସଙ୍ଗଠନର ସହଯୋଗରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୧୪୬ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ବିଜୁ ପ୍ରେମୀମାନେ ଆଗ୍ରହର ସହ ରକ୍ତଦାନ କରି ମେଡିକାଲରେ ଦେଖାଦେଇଥିବା ରକ୍ତର ଅଭାବକୁ ଅନେକାଂଶରେ ପୂରଣ କରିଛନ୍ତି ବୋଲି କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଓ ନଗରପାଳ ସରିତା ସାହୁ କହିଛନ୍ତି । ଉଭୟ ବିଧାୟକ ଓ ନଗରପାଳ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଫଳରେ ରକ୍ତଦାତାଙ୍କ ସଂଖ୍ୟା ବୃଦ୍ଧି ପାଇ ୧୪୬ରେ ପହ ିଥିଲା । କାରଣ ଆଶା କରାଯାଉଥିଲା ରକ୍ତଦାତାଙ୍କ ସଂଖ୍ୟା ୧୦୦ ଟପିବ ନାହିଁ । ହେଲେ ଗ୍ରୀଷ୍ମ ପ୍ରଭାବ ସ ୍ୱ ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ ପୌରା ଳ ଓ ବିଭିନ୍ନ ପ ାୟତର ଯୁବକମାନଙ୍କୁ ରକ୍ତଦାନ କରିବା ପାଇଁ ନିବେଦନ କରିଥିଲେ । ଫଳରେ ବହୁ ସଂଖ୍ୟାରେ ଯୁବକମାନେ ଆସି ରକ୍ତଦାନ କରିଥିଲେ । ନଗରପାଳ ଶ୍ରୀମତୀ ସାହୁ କହିଥିଲେ ବ ମାନ ଡାକ୍ତରଖାନାରେ ଯେଉଳି ଭାବେ ରକ୍ତର ଅଭାବ ଦେଖା ଦେଇଛି ସେହି ଅଭାବକୁ ଏଭଳି ରକ୍ତଦାନ ଶିବିର ପୁରଣ କରିବାରେ ବେସ ସହାୟକ ହୋଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ,



ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଓଡିଶା ମୋ ପରିବାରର ସହ ସଂଯୋଜକ ହିରଣ୍ୟ ପଣ୍ଡା, ଉପନଗରପାଳ ଅକବରୀ ଖାତୁନ, ବ୍ଲକ ଉପାଧକ୍ଷା ପ୍ରତାପ ମହାପାତ୍ର, ନଗର ବିଜେଡି ସଭାପତି ଯଯାତି କେଶରୀ ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭଳ, ଛାତ୍ର ବିଜେଡି ସଭାପତି ପ୍ରଦୀପ କୁମାର ସାହୁ, ଯୁବ ବିଜେଡି ସଭାପତି ରାଜେଶ ଦାସ, ବିଜେଡି ଜିଲ୍ଲା ସଭାପତି ଉତ୍କଳ କେଶରୀ ପରିଡ଼ା, ମହିଳା ସଭାପତି ରୋସ୍ନା ସାହୁ, ବ୍ଲକ ମହିଳା ସଭାପତି ସୁମିତ୍ରା ପାଢୀ, ବ୍ଲକ ସଭାପତି ଆଲୋକ ସାହୁ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ପ୍ରିୟଦର୍ଶିନୀ ତରାଇ, ଲିଲିତା ଦାସ, ମଧୁଛନ୍ଦା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ନାଟ୍ୟଗୁରୁ ଶରତ ଥାଟୋଇଙ୍କୁ ନାଟ୍ୟାଚାର୍ଯ୍ୟ ଉପାଧି ପ୍ରଦାନ

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟର ପ୍ରମୁଖ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ଓଡିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ନାଟ୍ୟଗୁରୁ ତଥା ସୁନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ଏବଂ ସୁପରିଚିତ ନାଟ୍ୟକାର ଶରତ ଚନ୍ଦ୍ର ଥାଟୋଇଙ୍କୁ ତାଙ୍କର ସାମଗ୍ରିକ କୃତି ତଥା ସଫଳ ନାଟ୍ୟ ନିର୍ଦ୍ଦେଶନା ପାଇଁ "ନାଟ୍ୟାଚାର୍ଯ୍ୟ"ଉପାଧି ପ୍ରଦାନ କରାଯାଇଛି । ଓଡିଶା ପ୍ରତିଭା ପୂଜା ସଂସଦର ୨୧ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ଧନଞ୍ଜୟ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଟ୍ୟଗୁରୁ ଶ୍ରୀ ଥାଟୋଇଙ୍କୁ ମାନପତ୍ର, ଟ୍ରଫି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଶ୍ରୀ ଥାଟୋଇଙ୍କ ରାମାୟଣ ଉପରେ ପର୍ଯ୍ୟବେସିତ ଗୀତିନାଟ୍ୟ ପୁସ୍ତକ "ଅଧା ରହିଗଲା ଯଜ୍ଞ ଆହୁତି" ଲୋକାର୍ପିତ ହୋଇଥିଲା । 'ସମାଜ'ର ପ୍ରାକ୍ତନ କାର୍ଯ୍ୟନିର୍ବାହୀ ସମ୍ପାଦକ ତଥା ସଂସଦର ସଭାପତି ଡଃ. ସତ୍ୟ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଆଧାତ୍ମିକ ଗୁରୁ ସ୍ୱାମୀ ତ୍ୟାଗ ସ୍ୱରୂପାନନ୍ଦ ସରସ୍ୱତୀ ଉଦଘାଟନ କରିଥିବା ବେଳେ ଶକ୍ତି ସଚିବ ଶ୍ରୀ ସ୍ୱାଇଁ ମୁଖ୍ୟ ଅତିଥି ଓ ବରିଷ୍ଠ ସାମ୍ବାଦିକ ମୁରଲୀଧର ସାମଲ ମୁଖ୍ୟବକ୍ତା ଏବଂ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ସାହୁ, ବିଶିଷ୍ଟ ସାହିତ୍ୟିକ ଉମାଶଙ୍କର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ନାଟ୍ୟଗୁରୁ ଶ୍ରୀ ଥାଟୋଇ ଏକାଧାରରେ ଜଣେ ସଫଳ ନାଟ୍ୟକାର, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ, ସୁଦକ୍ଷ ଅଭିନେତା, ସ୍ୱନାମଧନ୍ୟ ଗୀତିକାର, ସୁପରିଚିତ ସଂଗୀତକାର, ବିଶିଷ୍ଟ କଣ୍ଠଶିଳ୍ପୀ, ବରିଷ୍ଠ ତବଲାବାଦକ ଏବଂ ଜଣେ ବରେଣ୍ୟ ନାଟ୍ୟ ବିଚାରକ ଭାବେ ସାରା ରାଜ୍ୟରେ ବେଶ ପ୍ରତିଷ୍ଠିତ । କେନ୍ଦ୍ରାପଡା ଜିଲ୍ଲାର ସାନମାଣିତିଆ ଗ୍ରାମର ସ୍ୱର୍ଗତ ଶ୍ୟାମସୁନ୍ଦର ଥାଟୋଇ ଏବଂ ସ୍ୱର୍ଗତା ରମା ସୁନ୍ଦରୀ ଥାଟୋଇଙ୍କ ଏକମାତ୍ର ସନ୍ତାନ । ଏଯାବତ ଶ୍ରୀ ଥାଟୋଇ ଶତାଧିକ ସାମାଜିକ, ପୌରାଣିକ ଓ କାଳ୍ପନିକ ନାଟକ, ଗୀତିନାଟ୍ୟ ଏବଂ ଆଧାତ୍ମିକ ଭଜନ ପୁସ୍ତକ ରଚନା କରିଛନ୍ତି । ତାଙ୍କର ଗୀତିନାଟ୍ୟ 'ଅଧା ରହିଗଲା ଯଜ୍ଞ ଆହୁତି' ପୁସ୍ତକଟିକୁ ପ୍ରଥମ କରି ରାଜ୍ୟର ଏକ ପ୍ରମୁଖ ସାହିତ୍ୟ, ସଂସ୍କୃତି ଓ ସମାଜମଙ୍ଗଳକାରୀ ସଂଗଠନ କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ନାଟରାର ବିଦ୍ୟୁତ ପ୍ରଭା ଦେବୀ ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ତଥା ନାଟ୍ୟକାର ପ୍ରଭାତ କୁମାର ଦାସଙ୍କ ଦ୍ୱାରା ପ୍ରକାଶିତ ହୋଇଛି । ନାଟ୍ୟକାର ଶ୍ରୀ ଥାଟୋଇଙ୍କ ପୁସ୍ତକ ଉନ୍ମୋଚିତ ହେବା ଏବଂ ତାଙ୍କୁ ନାଟ୍ୟାଚାର୍ଯ୍ୟ ଉପାଧି ମିଳିବା ପରେ ସମଗ୍ର ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି ।

# କେନ୍ଦୁଝର ଖଣି କାର୍ଯ୍ୟାଳୟ ମଣ୍ଡଳ କାର୍ଯ୍ୟାଳୟକୁ ଉନ୍ନିତ

କେନ୍ଦୁଝର (ପିଏନ୍): ରାଜ୍ୟ ସରକାରଙ୍କ ଖଣି ଓ ଇସ୍ପାତ ବିଭାଗର ଚିଠି ନଂ ୩୪୩୩ ତା ୧୬/୦୪/୨୦୨୨ ରେ ବିଜ୍ଞପ୍ତି ଜାରୀ କରି ୧୧ ଜଣ ଖଣି ଅଧିକାରୀଙ୍କ ପଦୋନ୍ନତି ଦିଆଯାଇ ଖଣି ଉପନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି । କେନ୍ଦୁଝରରେ ଥିବା ଖଣି କାର୍ଯ୍ୟାଳୟକୁ ଉନ୍ନତି କରାଯାଇ ଖଣି ମଣ୍ଡଳ କାର୍ଯ୍ୟାଳୟ କରାଯାଇଛି । ଏହି କାର୍ଯ୍ୟାଳୟରେ ଖଣି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଅସିତ୍ କୁମାର ବେହେରାଙ୍କ ପଦୋନ୍ନତି ପରେ ଖଣି ଉପ ନିର୍ଦ୍ଦେଶକ ଭାବେ କେନ୍ଦୁଝର ଖଣି ମଣ୍ଡଳ କାର୍ଯ୍ୟୋଳୟରେ ଅବସ୍ଥାପିତ କରାଯାଇଛି । ଯୋଡା ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟରେ ଥିବା ଯୁଗ୍ମ ନିର୍ଦ୍ଦେଶକ ସଲିଲ କୁମାର ବେହେରାଙ୍କୁ ଭୁବନେଶ୍ୱରସ୍ଥିତ ଖଣି ନିର୍ଦ୍ଦେଶାଳୟକୁ ଖାଲି ଥିବା ସ୍ଥାନରେ ବଦଳି ହୋଇଛି । ତାଙ୍କ ସ୍ଥାନରେ ଗାମ ସର୍କଲ ବ୍ରହ୍ମପୁରର ଖଣି ଅଧିକାରୀ ଦିନେଶ ଅଗ୍ରୱାଲଙ୍କୁ ପଦୋନ୍ନତି ଦିଆଯାଇ ଯୋଡା ଖଣି ଉପ ନିର୍ଦ୍ଦେଶକଭାବେ ନିଯୁକ୍ତି ଦିଆଯାଇଛି । କଟକ ସର୍କଲ, କଟକ ର ଖଣି ଅଧିକାରୀ ଜିତେନ୍ଦ୍ର କୁମାର ପଣ୍ଡା ଙ୍କ ପଦୋନ୍ନତି ପରେ ବାରିପଦା ଖଣି ଉପ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ଯାଜପୁର ରୋଡ ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟର ଖଣି ଅଧିକାରୀ ପ୍ରିୟଦର୍ଶୀ ସନ୍ଦିପ କୁମାର ବଳ ଙ୍କ ପଦୋନ୍ନତି ପରେ ଖଣି ଉପ ନିର୍ଦ୍ଦେଶକ ବ୍ରହ୍ମପୁର କୁ ବଦଳି କରାଯାଇଛି । ଭୁବନେଶ୍ୱରସ୍ଥିତ ଖଣି ନିର୍ଦ୍ଦେଶାଳୟରେ ଖଣି ଅଧିକାରୀ ଭାବେ ଥିବା ଲିପ୍ସା ପୃଷ୍ଟିଙ୍କ ଖଣି ଉପନିର୍ଦ୍ଦେଶକ ପଦବିକୁ ପଦୋନ୍ନତି ପରେ ଖଣି ନିର୍ଦ୍ଦେଶାଳୟରେ ଅବସ୍ଥାପିତ କରାଯାଇଛି । କଳାହାଣ୍ଡି ସର୍କଲ, ଭବାନିପାଟଣାରେ ଖଣି ଅଧିକାରୀ ଦିଲ୍ଲିପ କୁମାର ସାହୁଙ୍କ ଖଣି ଉପ ନିର୍ଦ୍ଦେଶକଭାବେ ପଦୋନ୍ନତି ଦିଆଯାଇ ଖଣି ଉପନିର୍ଦ୍ଦେଶକ, କଟକକୁ ବଦଳି କରାଯାଇଛି । ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ଯାଜପୁର ରୋଡ,ଯାଜପୁର ରେ ଖଣି ଅଧିକାରୀ ଥିବା ପବିତ୍ର କୁମାର ସାହୁଙ୍କୁ ପଦୋନ୍ନତି ପରେ ଭୁବନେଶ୍ୱର ଖଣି ନିର୍ଦ୍ଦେଶାଳୟରେ ଅବସ୍ଥାପିତ କରାଯାଇଛି । ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ,ସମ୍ବଲପୁର ସର୍କଲରେ ଖଣି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବିଭୂତି ଭୂଷଣ ବେହେରା ଙ୍କ ପଦୋନ୍ନତି ପରେ ଖଣି ଉପ ନିର୍ଦ୍ଦେଶକ ଯାଜପୁର ରୋଡ,ଯାଜପୁର କୁ ବଦଳି କରାଯାଇଛି । ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ କୋରାପୁଟରେ ଖଣି ଅଧିକାରୀ ପଦବୀରେ କାର୍ଯ୍ୟ କରୁଥିବା ବିଶ୍ୱନାଥ ସୋରେନଙ୍କ ପଦୋନ୍ନତି ପରେ ଖଣି ଉପ ନିର୍ଦ୍ଦେଶକ କଳାହାଣ୍ଡି ସର୍କଲ,ଭବାନିପାଟଣାକୁ ବଦଳି ହୋଇଛି । ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ ତାଳଚେରରେ ଖଣି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଧରଣୀଧର ନାୟକଙ୍କ ପଦୋନ୍ନତି ପରେ ସେହି କାର୍ଯ୍ୟାଳୟରେ ଖଣି ଉପ ନିର୍ଦ୍ଦେଶକଭାବେ ଅବସ୍ଥାପିତ କରାଯାଇଛି । ଯୋଡା ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟରେ ଖଣି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବିଶ୍ୱରନ ସେଠୀଙ୍କୁ ଖଣି ଉପନିର୍ଦ୍ଦେଶକ ପଦବିକୁ ପଦୋନ୍ନତି ଦିଆଯାଇ ଭୁବନେଶ୍ୱର ଖଣି ନିର୍ଦ୍ଦେଶାଳୟକୁ ବଦଳି ହୋଇଛି । ସେହିପରି ରାଜ୍ୟ ସରକାରଙ୍କ ଖଣି ଓ ଇସ୍ପାତ ବିଭାଗର ଚିଠି ନଂ ୩୪୨୦ ତା ୧୬/୦୪/୨୦୨୨ ରେ ବିଜ୍ଞପ୍ତି ଜାରୀ କରି ୧୧ ଜଣ ସହକାରୀ ଖଣି ଅଧିକାରୀଙ୍କ ପଦୋନ୍ନତି ଦିଆଯାଇ ଖଣି ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି ।

# ରାଜ୍ୟ ବିଜେପିର ସଙ୍ଗଠନ

ଆନନ୍ଦପୁର (ପିଏନ୍): ରାଜ୍ୟ ବିଜେପି ସଂଗଠନ ମହାମନ୍ତ୍ରୀ ଶ୍ରୀମାନ ମାନସ କୁମାର ମହାନ୍ତିଙ୍କର କେନ୍ଦୁଝର ଜିଲ୍ଲା ଗସ୍ତ ଅବସରରେ ଆନନ୍ଦପୁର ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ତାଙ୍କୁ ଆନନ୍ଦପୁର ବିଜେପିର ବରିଷ୍ଠ ନେତୃମଣ୍ଡଳୀଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା । ଶ୍ରୀ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମାଜ ଗଠନରେ ଆମ୍ବେଦକରଙ୍କ ସମସ୍ତଙ୍କୁ ସମାନ ଅଧିକାରର ଆଦର୍ଶ ଓ ବିଚାରଧାରା ବିଜେପିର ମୂଳ ଦର୍ଶନ ଅନ୍ତୋଦୟର ମୂଳଭୂତ ଆଧାର ଏକ ବୋଲି ମତ ପ୍ରକାଶ କରିଥିଲେ । ଉଭୟ ଦର୍ଶନ ସମାଜର ସାମଗ୍ରୀକ ବିକାଶ ସହ ଶୋଷିତ ପୀଡୀତଙ୍କ ବିକାଶକୁ ସୁନିଶ୍ଚିତ କରିଥାଏ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଗତ ନିର୍ବାଚନରେ ବିଜୟୀ ହୋଇଥିବା ଅନେକ ପ୍ରାର୍ଥୀଙ୍କୁ ଶ୍ରୀ ମହାନ୍ତି ଉ ରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଆନନ୍ଦପୁରର ବରିଷ୍ଠ ବିଜେପି ନେତା ମହେଶ୍ୱର ସାହୁ, ଆଲୋକ ସେଠୀ, ରାମଚନ୍ଦ୍ର ସାହୁ, ଶମ୍ଭୁନାଥ ରାଉତ, ହେମନ୍ତ ମଲ୍ଲିକ, ନିରାକାର ଦଳେଇ, ଜ୍ଞାନରଂଜନ ସାମନ୍ତସିଂହାର, ଯଜ୍ଞପ୍ରସାଦ, ଅସୀମା ମିଶ୍ର, ସୁମତି ଯେନା, ସରୋଜ ସାହୁ, ଅନାଦି ସାହୁ, ବଳଭଦ୍ର ବାରିକ, ପ୍ରଶାନ୍ତ ମହାପାତ୍ର, ଟୁକୁନା ମହାନ୍ତ, ସନତ କର, ସମ୍ବିତ ଦାସ, ଲିକୁନ୍ କର, ବଳଦେବ ପତି, ନାରାୟଣ ବାରିକ, ଦୀପ୍ତି ସାହୁ, ତୃପ୍ତିମୟୀ ଯେନା, ବିଶ୍ୱନାଥ ଦାସ,କାଳନ୍ଦୀ ସାହୁ,ମନମୋହନ ସା, ଗଦାଧର ମିଶ୍ର, ଶୁଭାଦ୍ରୀ ବଳିଆରସିଂଙ୍କ ସମେତ ଶତାଧିକ କାର୍ଯ୍ୟକ ି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରଂଜନ ସାମନ୍ତସିଂହାର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ନଗର ମଣ୍ଡଳ ସଭାପତି ପ୍ରଶାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତରତ୍ନ ବାବା ସାହେବ ଡଃ ବି.ଆର. ଆମ୍ବେଦକରଙ୍କ ୧୩୧ତମ ଜନ୍ମବାର୍ଷିକୀ ପାଳନ



କେନ୍ଦୁଝର (ପିଏନ୍): ସେବାସ୍ତମ୍ଭ ଓ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଅନୁସୂଚିତ ଜାତି/ଜନଜାତି ଓ ପଛୁଆବର୍ଗ କର୍ମଚାରୀ ସଂଘ ଓଡିଶା ଶାଖା ତରଫରୁ ଭାରତରତ୍ନ ବାବା ସାହେବ ଡଃ ଆମ୍ବେଦକରଙ୍କ ୧୩୧ତମ ଜନ୍ମବାର୍ଷିକୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଦୁଇ ସଂସ୍ଥାର ମିଳିତ ସହଯୋଗରେ ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ସଂସ୍ଥା (ଆର.ଏସ୍. ଇ.ଟି.ଆଇ.), କେନ୍ଦୁଝରଠାରେ ରମେଶ ଚନ୍ଦ୍ର ସେଠୀଙ୍କର ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ବିଶିଷ୍ଟ ସାହିତ୍ୟିକ, ଗବେଷକ, ଲେଖକ, ଐତିହାସିକ ନିରଂଜନ ବାରିକ ଯୋଗଦେଇ ଆମ୍ବେଦକରଙ୍କ ବା ି। ସମାଜକୁ ଜଣାଇଥିଲେ । ଅବସରପ୍ରାପ୍ତ ଆଇଏଏସ୍ ମାଗୁଣି ଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାବାସାହେବଙ୍କର ଉପଲବ୍ଧି ଓ ଦିଗ୍‌ଦର୍ଶନ ବାବଦରେ ଆଲୋକପାତ କରିଥିଲେ । ସେବାସ୍ତମ୍ଭର ସଭାପତି ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ଅଧିକାରୀ କୁମରମଣୀ ତନ୍ତି ଓ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଅନୁସୂଚିତ ଜାତି/ଜନଜାତି ପଛୁଆବର୍ଗ ସଂଘ, ଓଡିଶା ଶାଖାର ସାଧାରଣ ସମ୍ପାଦକ ତଥା ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ସଂସ୍ଥା, କେନ୍ଦୁଝରର ନିର୍ଦ୍ଦେଶକ ହରିଶଙ୍କର ନାଏକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ । ଉକ୍ତ ସଭାରେ ଗତ ୨୦୨୦-୨୧ ଶିକ୍ଷା ବର୍ଷରେ କେନ୍ଦୁଝର ଜିଲ୍ଲାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର, ଆମ୍ବେଦକରଙ୍କ ଫଟୋ ଓ ନଗଦ ରାଶି ପୁରସ୍କାର ଆକାରରେ ଦିଆଯାଇଥିଲା । ଏହା ସହିତ ଏହି ଉତ୍ସବ ଉପଲକ୍ଷେ କରାଯାଇଥିବା ତର୍କ ପ୍ରତିଯୋଗିତାରେ ୩ଟି ଗ୍ରୁପ୍‌ର ବିଜେତା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପ୍ରମାଣପତ୍ର, ଆମ୍ବେଦକରଙ୍କ ଫଟୋ ଓ ନଗଦ ରାଶି ସହ ପୁରସ୍କୃତ କରାଯାଇଥିଲା । ଏହି ସଭାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ୍, ଜୀବନ ବୀମା ନିଗମର କର୍ମଚାରୀ ତଥା ସାଧାରଣ ନାଗରିକ ଓ ସ୍କୁଲ, କଲେଜର ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି ସଭାକୁ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ବିକାଶ ଚନ୍ଦ୍ର ବେହେରା ଓ କୋଷାଗାର କାର୍ଯ୍ୟାଳୟର ଗୀତାଂଜଳି ପାତ୍ର ପରିଚାଳନା କରିଥିଲେ ।

# ହରିଚନ୍ଦନପୁର ବ୍ଲକର ବିଭିନ୍ନ ସ୍ଥାନରେ ପଣା ସଂକ୍ରାନ୍ତି ପାଳିତ

ଭଗାମୁଣ୍ଡା (ପିଏନ୍): ବିଗତ ଦୁଇବର୍ଷ ହେଲା ସରକାରଙ୍କ କୋଭିଡ୍ କଟକଣା ଯୋଗୁଁ ମନ୍ଦିରଗୁଡିକରେ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିନଥିଲା । ମହାବିଷୁବ ପଣାସଂକ୍ରା ି ଉପଲକ୍ଷେ ପ୍ରତ୍ୟେକ ଦେବାଦେବୀଙ୍କ ମନ୍ଦିରରେ ଭକ୍ତଙ୍କ ଗହଳି ଚହଳି ଦେଖିବାକୁ ମିଳିଥିବା ବେଳେ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ପଂଚାୟତର ମା'ଚା ଖାଇ ଠାକୁରାଣୀ ପୀଠ, ମାଣିଆବିନ୍ଧା ଗ୍ରାମ ବାଉରିଆ ଡ୍ୟାମ୍ ନିକଟରେ



ଥିବା ହନୁମାନ ପ୍ରତିମୂ ି, ଶଗଡପଟା ପଂଚାୟତର ମା' ଦା ୁଆଣୀ ପୀଠ ଆଦିରେ ମହାବିଷୁବ ପଣାସଂକ୍ରାନ୍ତି ମହାସମାରୋହରେ ପାଳିତ ହୋଇଯାଇଛି । ସବୁ ପୀଠରେ ଭକ୍ତମାନଙ୍କ ପାଇଁ ପଣା ଏବଂ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯିବା ସହ ଅନେକ ଠାକୁରାଣୀ ପୀଠରେ କମିଟି ତରଫରୁ ପାଲା ପରିବେଷଣ ସହିତ ଆଦିବାସୀ ଡ୍ରାମା ଏବଂ ମୀନା ବଜାର ପଡିଥିବା ମଧ ଦେଖିବାକୁ ମିଳିଛି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଠକୀୟତା ଅର୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୂଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ ଜେନା, ପ୍ରାଧ୍ୟାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧାପକ, ଅଧାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ, ଅଧାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧାପକ, ଅଧାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧକ୍ଷ ଓ ଅଧାପକମାନଙ୍କ ମଧରୁ ବଳି ପଡ଼ିବ କିଏ । ଏହି ବିବାଦ ମଧରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।





2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference

- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday June 04, 2024 ଭୁବନେଶ୍ୱର ମଙ୍ଗଳବାର, ଜୁନ ୦୪,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ପ୍ରଶିକ୍ଷଣ ଶିବିର ଉଦଯାପିତ

ବ୍ରହ୍ମପୁର,କୁକୁଡାଖଣ୍ଡି,(ପି.ଏନ): ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଙ୍ଘ ପକ୍ଷରୁ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଦୀର୍ଘ ଏକ ମାସ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ରବିବାର ଉଦଯାପିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଶୁକ୍ଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ତଥା ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ତଥା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡକ୍ଟର ଗୀତାଞ୍ଜଳି ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଜାତୀୟ ପଦକ ପ୍ରାପ୍ତ କ୍ରୀଡ଼ାବିତ ତଥା ସେଣ୍ଟ୍ରାଲ ଏକ୍ସାଇଜ ଏବଂ କଷ୍ଟମସ ବିଭାଗର ଅଧିକ୍ଷକ ଡି. ବିଜୟ କୁମାର ଯୋଗ ଦେଇଥିଲେ। ଉତ୍ସବରେ କ୍ରୀଡାବିତ ମିତେନ୍ ଭୂୟାଁ ଏବଂ ଜିଲ୍ଲା ସମ୍ପାଦକ ସୁରେଶ ଚନ୍ଦ୍ର ପାଢି, ମୁଖ୍ୟ କୋଚ୍ ତଥା (ଏନ ଆଇ ଏସ୍) କୋଚ୍ ପ୍ରଶାନ୍ତ କୁମାର ରଥ, କୋଷାଧକ୍ଷ ଡକ୍ଟର ମନୋଜ କୁମାର ପାତ୍ର, ସମାଜସେବୀ ମିଟୁ ସାବତ, ପ୍ରିୟବ୍ରତ ପାଣିଗ୍ରାହୀ ଏବଂ କ୍ରୀଡାବିତ ବିରଳା ପ୍ରସାଦ ମାଝୀ, ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟା ମନ୍ଦିର ଅଧକ୍ଷ ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ହ୍ୟାଣ୍ଡବଲ ଖେଳ ପ୍ରତି ପିଲାଙ୍କ ଆଗ୍ରହ ଓ ନିଷ୍ଠା ସହ ମିଳୁଥିବା ସଫଳତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ପ୍ରତିଯୋଗିତାର ଆୟୋଜନ କରିବା ନେଇ ମୁଖ୍ୟଅତିଥି ପ୍ରଫେସର ଦାଶ ଖେଳାଳିମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥି ସହିତ ହ୍ୟାଣ୍ଡବଲ ଖେଳପଡିଆର ଉନ୍ନତି କରିବା ପାଇଁ ସେ ଧ୍ୟାନ ଦେବେ ବୋଲି କହିଥିଲେ। ସେହିଭଳି ସମ୍ମାନିତ ଅତିଥି ତଥା ବିଶିଷ୍ଟ କ୍ରୀଡ଼ାବିତ ଡି ବିଜୟ କୁମାର







ପିଲାମାନଙ୍କୁ ଖେଳରେ ଆଗେଇ ଆଣିବାକୁ ହେଲେ ଅଭିଭାବକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଖେଳିବା ଦ୍ୱାରା ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥତା ରହିବା ସହ ଭବିଷ୍ୟତ ଗଠନରେ ମଧ୍ୟ ବେଶ ସହାୟକ ହେବ ବୋଲି ପରାମର୍ଶ ଦେଇଥିଲେ। ଏହି ଶିବିର ଗତ ମେ ୩ ତାରିଖ ଠାରୁ ଆରମ୍ଭ ହୋଇଥିଲା। ଏଥିରେ ସହରର ତଥା ଉପକଣ୍ଠରେ ଥିବା ବିଭିନ୍ନ ବିଦ୍ୟାଳୟରୁ ବିଭିନ୍ନ ବର୍ଗରେ ପ୍ରାୟ ୨୫୦ ଜଣ ଉତ୍ସାହି ଖେଳାଳି ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ଦୀର୍ଘ ଏକ ମାସ ଧରି ଚାଲିଥିବା ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରରେ ଏନ୍ ଆଇ ଏସ୍ କୋଚ୍ ପ୍ରଶାନ୍ତ କୁମାର ରଥଙ୍କ ସହ ବହୁ ସିନିଅର ଖେଳାଳି ଅକ୍ଲାନ୍ତ ପରିଶ୍ରମ କରି ଶିବିରାର୍ଥୀଙ୍କୁ ବିଭିନ୍ନ କୌଶଳ ସମ୍ପର୍କିତ ତାଲିମ ଦେଇଥିଲେ। ଶେଷରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଙ୍କ ଦ୍ୱାରା ବିଶିଷ୍ଟ ପ୍ରଶିକ୍ଷକ ପ୍ରଶାନ୍ତ କୁମାର ରଥ ଓ ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ପାଢିଙ୍କୁ ସେମାନଙ୍କ ନିଷ୍ଠାପର କାର୍ଯ୍ୟ ପାଇଁ ସଙ୍ଘ ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପରେ ସଙ୍ଘ ପକ୍ଷରୁ ଉଭୟ ମୁଖ୍ୟ ଅତିଥି ପ୍ରଫେସର ଦାଶ ଓ ସମ୍ମାନିତ ଅତିଥି ବିଜୟ କୁମାରଙ୍କୁ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ ଶୁକ୍ଲଙ୍କ ଦ୍ୱାରା ଓ ଅନ୍ୟତମ ଅତିଥି ସୁବ୍ରତ ପାଣିଗ୍ରାହୀ, ବିରଳା ପ୍ରସାଦ ମାଝି ଓ ମିତେନ ଭୂୟାଁଙ୍କୁ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ପଦକ ସହ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ହେବାକୁ ଥିବା ବିଭିନ୍ନ ଅନ୍ତଃଜିଲ୍ଲା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଏହି ଶିବିରରେ ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କ ମଧ୍ୟରୁ ଟିମ ଚୟନ କରାଯିବ ବୋଲି ଜିଲ୍ଲା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରର ଉଦଯାପନି ଉତ୍ସବକୁ ସଂଘର ସାଙ୍ଗଠନିକ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଖେଳାଳିମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାମୁହିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦୀର୍ଘ ଏକ ମାସ ଧରି ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ସିନିୟର ଖେଳାଳି, ଖେଳପ୍ରେମୀଙ୍କ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡାଶିକ୍ଷକ, ସଂଘର ସଭାପତି ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ ଓ ସ୍ଥାନୀୟ କର୍ପୋରେଟର ପ୍ରଦୀପ କୁମାର ଶତପଥୀଙ୍କ ଆକୁଣ୍ଠ ସାହାଯ୍ୟ ଓ ସହଯୋଗ ରହିଆସିଛି।

## ଗଜପତି ଓ ଗଞ୍ଜାମ ସୀମାନ୍ତରେ ଥିବା ତପ୍ତପାଣି ଘାଟିରେ ଓଲଟିଲା ଟ୍ରକ୍; ଚାଳକ ମୃତ

ପାରଳାଖେମୁଣ୍ଡି, (ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଓ ଗଞ୍ଜାମ ଜିଲ୍ଲା ସୀମାକୁ ଲାଗି ରହିଥିବା ପାରଳାଖେମୁଣ୍ଡି ବନଖଣ୍ଡ ଅଧୀନରେ ଥିବା ତପ୍ତପାଣି ଘାଟି ପାଲୁଖୋଲା ଗ୍ରାମ ନିକଟରେ ଗୋଟିଏ ହଳଦୀ ବୋଝେଇ ଟ୍ରକ୍ ଓଲଟି ପଡ଼ିଥିଲା। ଫଳରେ ଟ୍ରକ ଭିତିରେ ଥିବା ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ଜଣଙ୍କ ହେଲେ ନୟାଗଡ଼ ଜିଲ୍ଲା ଇଟାମାଟି ସୁରେଶ ଗୁରୁଙ୍କ ଗଜପତି ଜିଲ୍ଲାରୁ ଗୋଟିଏ ଟ୍ରକ୍ ?ରେ ହଳଦୀ ବୋଝେଇ କରି ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପାଲୁଖୋଲା ଗ୍ରାମ ନିକଟ ବୁଲାଣିଆ ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଟ୍ରକଟି ଓଲଟି ପଡ଼ିଥିଲା। ସାନଖେମୁଣ୍ଡି ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି କଟର ମାଧ୍ୟମରେ ଗାଡ଼ିକୁ କାଟି ସୁରେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।

## ୬୪ ଯୋଗିନୀ ପୀଠର ଉନ୍ନତି ଖୁବ୍ ଶୀଘ୍ର ହେବ

ବାଲିଅନ୍ତା, (ପି.ଏନ): ସାଧାରଣନିର୍ବାଚନ ଗଣତି ଅବ୍ୟବହିତ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ବିଜେପି ଲୋକସଭା ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସପତ୍ନୀଙ୍କ ସହ ପ୍ରସିଦ୍ଧ ତନ୍ତ୍ରପିଠ ୬୪ ଯୋଗିନୀ ପିଠ ପରିଦର୍ଶନରେ ଆସିଥିଲେ । ଶ୍ରୀ ପ୍ରଧାନ ପହଞ୍ଚିବା ପରେ ପ୍ରଥମେ ଉମାଦେଇବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ରମାଲତା ନାୟକ, ସମିତିସଭ୍ୟ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ଯୁବ ସମାଜସେବୀ ତାପସ କୁମାର ମଲ୍ଲିକ ଉପଢୌକନ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ପରେ ପିଠ ପରିସରରେ ମୁଖ୍ୟଦେବୀ ମା’ ମହାମାୟାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ଏଥିସହ ମହାମାୟାଙ୍କୁ ଘେରି ରହିଥିବା ୬୪ ଯୋଗିନୀଙ୍କ ମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ । ପରେ ପିଠ ପରିସରରେ ବୁଲିବାସହ



ମନଲୋଭା କାରୁକାର୍ଯ୍ୟକୁ ଉପଭୋଗ କରିଥିଲେ । ସେହିପରି ପିଠ ପରିସରରେ ଥିବା ଶିବ ମନ୍ଦିରରେ ପୁଜାର୍ଚ୍ଚନା କରିଥିଲେ । ଶେଷରେ ପିଠର ମହାତ୍ମ୍ୟ ବିଷୟରେ ଉପସ୍ଥାପନା କରିବା ସହ ଏଥର ଓଡ଼ିଶାରେ ପରିବର୍ତ୍ତନ ଅବଶ୍ୟମ୍ଭାବ୍ୟ ବୋଲି ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ସାରାଦେଶ ତଥା ରାଜ୍ୟରେ ବହୁ ଜନମତ ମିଳିସାରିଛି । ସେହିପରି ଓଡ଼ିଶାରେ ସରକାର ଗଠନ ନେଇ ବିଭିନ୍ନ ମୁଦ୍ରିତ ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଜନମତ(ଏକଜିଟ ପୁଲ)କୁ ନେଇ ପ୍ରଶ୍ନରେ ସେ କହିଥିଲେ ଏହା ପୂର୍ବାନୁମାନ କରାଯାଇଛି । ଏହାର ସତ୍ୟାସତ୍ୟ ଗଣତି ପରେ ଜଣାପଡିବ । ସେହିପରି ଏହି ପିଠଟି ଭାରତୀୟ ପ୍ରତ୍ନତତ୍ତ୍ୱ (ଏଏସଆଇ) ଅଧିନରେ ଥିଲେ ମଧ ସେଭଳି ଆଖିଦୃଶିଆ ହୋଇନଥିବା କିଛି ସାମ୍ବାଦିକ ପ୍ରଶ୍ନ କରିବାରୁ ଏଥିପ୍ରତି ଖୁବଶୀଘ୍ର ଦୃଷ୍ଟି ଦିଆଯିବ ବୋଲି କହିଥିଲେ । ଏହି ସମୟରେ ବିଜେପି ନେତା ସିଦ୍ଧେଶ୍ୱର ନାଥ, ବିଜୟ ମହାରଣା, ସୁବାସ ଜେନା, ପ୍ରିୟବ୍ରତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

# ପ୍ରଧାନଶିକ୍ଷକଙ୍କୁ ଅବସର କାଳୀନ ଅବସରରେ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅବସର କାଳୀନ ଅବସରରେ ତିନିଜଣ ପ୍ରଧାନ ଶିକ୍ଷକଙ୍କୁ ପୂର୍ଣ୍ଣାଙ୍ଗ ପେନସନ ରାଜ୍ୟରେ ପ୍ରଥମ ଥର କରି ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଉପସ୍ଥିତ ରହି ସିକୋ ଚନ୍ଦ୍ର ଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଣ୍ଡୋଇ, ପଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଓ ଗୁରୁଜଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ କୁମାର ପାଣିଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରିଥିଲେ । ଏଥିରେ ଶିକ୍ଷକ ମାନେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ତରାଇଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



# ଇଭିଏମ୍ ବଦଳ ସନ୍ଦେହରେ ଧର୍ମଶାଳା ବ୍ଲକ୍ ପରିସରରେ ବ୍ୟାପକ ଭଙ୍ଗାରୁଜା, ପୁଲିସର ଲାଠିଚାର୍ଜ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକରେ ଇଭିଏମ ବଦଳ ସନ୍ଦେହରେ ଗତ ଶନିବାର ରାତିରେ ପ୍ରବଳ ଉତେଜନା ସୃଷ୍ଟି ହୋଇଥିଲା। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ପୁଲିସ୍‌କୁ ଲାଠି ଚାର୍ଜ କରିବାକୁ ପଡ଼ିଥିଲା। ସୂଚନା ମୁତାବକ, ଗତକାଲି ରାତି ପ୍ରାୟ ୮ଟା ସମୟରେ ଧର୍ମଶାଳା ଅଂଚଳର ବିଭିନ୍ନ ବୁଥରୁ କିଛି ଇଭିଏମ ବ୍ଲକ କାର୍ଯ୍ୟାଳୟକୁ ଅସିଥିଲା। ତେବେ ଇଭିଏମ ମେସିନ ଯାଜପୁର ଏନସି କଲେଜସ୍ଥିତ ଷ୍ଟ୍ରଙ୍ଗରୁମକୁ ଯିବା ବଦଳରେ ବ୍ଲକକୁ କାହିଁକି ଆସିଲା । ମେସିନ ହେରଫେର ହେବା ଅଭିଯୋଗ ଆଣି ସ୍ୱାଧିନ ପ୍ରାର୍ଥୀ ଙ୍କ ସମର୍ଥକ ମାନେ ପ୍ରତିବାଦ କରିବା ସହ ବ୍ଲକ ପରିସରକୁ ଆସୁଥିବା ଗାଡି ଗୁଡିକୁ ଅଟକ ରଖିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ବ୍ଲକ ପରିସରରେ ସମର୍ଥକଙ୍କ ଭିଡ ଜମିଥିଲା । ଫଳରେ ସେଠାରେ ଏକ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଖବର ପାଇ ସ୍ଥାନୀୟ ପୁଲିସ ସେଠାରେ ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଏଥିପ୍ରତି କର୍ଣ୍ଣପାତ ନକରି ଉତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ଘଟଣାର ତଦ’ ଦାବି କରିଥିଲେ । ଏଥରସହ ଉତ୍ୟକ୍ତ ଲୋକେ ପୁଲିସ ଗାଡି, ଲକ୍ଷ୍ମୀବସ, ମିଶନଶକ୍ତି ଗୃହ ଓ ବ୍ଲକ ସମ୍ମୁଖରେ ଥିବା ବିଜେଡି କାର୍ଯ୍ୟାଳୟରେ ଭଙ୍ଗା ରୁଜା କରିଥିଲେ । ପରିସ୍ଥିତି ଅତି ଉତେଜନା ହେବାରୁ ସେଠାରେ ପୁଲିସ ଫୋର୍ସ ପହଁଚ ଲାଠି ଚାର୍ଜ କରିଥିଲା । ଫଳରେ ଲୋକେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାଇଥିଲେ । ଘଟଣାର ତଦ’ ପାଇଁ ଯାଜପୁର ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ , ଏସପି ଭିନିତ ଅଗ୍ରୱାଲ ସେଠାରେ ପହଁଚି ଘଟଣାର ତଦ’ କରାଯିବ ବୋଲି କହିଥିଲେ । ତେବେ ଇଭିଏମ ବଦଳ ଖବର ସମ୍ପୁର୍ଣ୍ଣ ମନଗଡା କାହାଣୀ । ଗାଡିରେ ଆସିଥିବା ଇଭିଏମ ମେସିନ ଗୁଡିକ ଭୋଟରେ ବ୍ୟବହାର ହୋଇ ନଥିବା ମେସିନ । ସେଗୁଡିକ ବ୍ଲକରୁ ଗାଡିରେ ବୋଝେଇ ହୋଇ ବିଭିନ୍ନ ବୁଥ ଏରିଆରେ ରଖାଯାଇଥାଏ । କୌଣସି ଇଭିଏମ ଖରାପ ହେଲେ ଏହି ଇଭିଏମ ସେଠାରେ ବ୍ୟବହାର ହୋଇଥାଏ ବୋଲି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ କହିଥିଲେ । ଅନ୍ୟପଟେ କୌଣସି ଇଭିଏମ ବଦଳ ହୋଇ ନାହିଁ କହିବା ସହ ସ୍ୱାଧିନ ପ୍ରାର୍ଥୀଙ୍କ ସମର୍ଥକମାନେ ଅଯଥାରେ ସନ୍ଦେହ କରି ପୁଲିଙ୍ଗ ଦାୟିତ୍ୱରେ ଥିବା କେତେକ କର୍ମଚାରୀଙ୍କୁ ମାରଧର କରିଛନ୍ତି ବୋଲି ବିଡ଼ିଓ ଶ୍ରୀ ବଳ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୁଲିସ୍ ନିଜଆଡୁ ମାମଲା ରୁଜୁକରି ଘଟଣାର ତଦ’ ଆରମ୍ଭ କରିଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray